**ମହାପ୍ରଭୁଙ୍କୁ ୩ ସୁନାହାର ଦାନ କଲେ ଗୁଜରାଟୀ ଭକ୍ତ**

ପୁରୀ ଅଫିସ, ୬।୬: ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୋମବାର ଜଣେ ଗୁଜରାଟୀ ଭକ୍ତ ୩ଟି ସୁନାହାର ଦାନ କରିଛନ୍ତି। ତେବେ ସେ ତାଙ୍କ ନାମ ଗୋପନ ରଖିଛନ୍ତି। ସୂଚନା ଅନୁଯାୟୀ, ବର୍ଷକ ତଳେ ଗୁଜରାଟର ଜଣେ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ତାଙ୍କର ପୁତ୍ର ସନ୍ତାନ କାମନା କରି ଫେରିଯାଇଥିଲେ। ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ସେ ପୁତ୍ରର ନାମ ଓମ୍‌ପ୍ରକାଶ ରଖିଥିବା ଜଣାପଡ଼ିଛି। ଏହାପରେ ସମ୍ପୃକ୍ତ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପ୍ରଶାସକଙ୍କ ଉପସ୍ଥିତିରେ ୩ଟି ସୁନାହାର ଦାନ କରିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଜାତୀୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ଣ ୧୦ଟା।
- ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ଓ ନବୀନ କଳାକାର, ପୂର୍ବାହ୍ଣ ୧୦ଟା।
- ନିର୍ମାଣ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଅବସରରେ ନାଟକ 'ଭୁଲ୍ ହୋଇଗଲା', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ପରମ୍ପରା ଭଙ୍ଗ ନେଇ ଅସନ୍ତୋଷ

**ପୁରୁଣା ଭୁବନେଶ୍ୱର, ୬।୬(ଡି.ଏନ୍.ଏ.):** ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପରମ୍ପରା ଭଙ୍ଗ, ନୀତି ବନ୍ଦ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ଶ୍ରୀଲିଙ୍ଗରାଜଙ୍କ ସେବାକାର୍ଯ୍ୟରେ ଶୃଙ୍ଖଳା ଆଣିବା ପାଇଁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସୋମବାର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ମୁଖ୍ୟ ଟ୍ରଷ୍ଟି ତଥା ସଭାପତି ଖୋର୍ଦ୍ଧା ଜିଲାପାଳଙ୍କ ନିକଟକୁ ଏକ ଅଭିଯୋଗ ପତ୍ର ପଠାଯାଇଛି। ମଞ୍ଚ ଅଭିଯୋଗରେ ଶ୍ରୀଜୀଉଙ୍କ ସେବାକାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିଥିବା ସେବାୟତଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ଏଭଳି ବିଶୃଙ୍ଖଳା ସୃଷ୍ଟି କରୁଥିବା ସେବାୟତଙ୍କୁ ବହିଷ୍କାର ପାଇଁ ଦାବି କରିଛି। ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଏହି ପତ୍ର ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀଙ୍କ ଜରିଆରେ ପ୍ରଦାନ କରିଛନ୍ତି।

### ପାହାଲ ସମବାୟ ସମିତି: ୧୫ ଜୋନ୍ ପାଇଁ ୧୫ ପ୍ରାର୍ଥିପତ୍ର

ବାଲିଅନ୍ତା,୬।୬(ଡି.ଏନ୍.ଏ.): ପାହାଲ ସେବା ସମବାୟ ସମିତି ପରିଚାଳନା ପରିଷଦର ନୂତନ ସଦସ୍ୟ ପାଇଁ ସୋମବାର ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମିତିର ୧୫ ଜୋନ୍ ପାଇଁ ୧୫ଜଣ ସଦସ୍ୟ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପ୍ରତି ଜୋନ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ନିର୍ବାଚନ ଅଧିକାରୀ କୈଳାସ ଚନ୍ଦ୍ର ରାଉତଙ୍କ ନିକଟରେ ଦାଖଲ କରିଥିଲେ। ଏହି ସମିତିର ପୂର୍ବତନ ସଭାପତି ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ବରିଷ୍ଠ ସଙ୍ଗଠକ ତଥା ସମବାୟବିତ୍ ପ୍ରଶାନ୍ତ କୁମାର ଦାସ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ସମୟରେ ସମିତିର ସମ୍ପାଦକ ସରୋଜ ରଥ ଉପସ୍ଥିତ ଥିଲେ।

### ଗଙ୍ଗୁଆ ନଦୀବନ୍ଧରେ ଚାରା ରୋପଣ

**ପୁରୁଣା ଭୁବନେଶ୍ୱର, ୬।୬(ଡି.ଏନ୍.ଏ.):** ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସାମନ୍ତରାପୁରସ୍ଥିତ ଗଙ୍ଗୁଆ ନଦୀ କୂଳରେ ବିଭିନ୍ନ କିସମର ଔଷଧୀୟ ବୃକ୍ଷ ରୋପଣ କରାଯିବା ସହ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଦୀପାଣିକୁ ସ୍ୱଚ୍ଛ କରିବା, ସବୁଜ ପରିବେଶ ସୃଷ୍ଟି କରିବା ଭଳି ପ୍ଲା କାର୍ଡ ଧରି ଅନୁଷ୍ଠାନର ସଦସ୍ୟମାନେ ନାଥପୁରଠାରୁ ଏକ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ଅନୁଷ୍ଠାନର ସଭାପତି ବୃନ୍ଦାବନ ସାହୁ, ଅରୁଣ ପୁରୋହିତ, ଅକ୍ଷୟ ସ୍ୱାଇଁ, ସୁମନ୍ତ ସୁବୁଦ୍ଧି, ବିଷ୍ଣୁମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଛୁରାମାଡ଼ କରି ଲୁଟୁଥିବା ଗ୍ୟାଙ୍ଗ ଧରାପଡିଲା

ଭୁବନେଶ୍ୱର,୬।୬(ବ୍ୟୁରୋ)



- ■ମାଷ୍ଟରମାଇଣ୍ଡ୍ କାଳିଆ ସମେତ ୨ ଗିରଫ
- ■ଛୁରି, ବାଇକ, ୧୫ ମୋବାଇଲ ଜବତ

ରାତିହେଲେ ରାଜଧାନୀରେ ମୁଖ୍ୟ ରାସ୍ତାଠାରୁ ଗଳିକନ୍ଦି ଘୁରି ବୁଲୁଥିଲେ। ଯାହାକୁ ପାରିଲେ ଛୁରାମାଡ଼ କରି ଲୁଟୁଥିଲେ। ଗତ ୧୬ ତାରିଖରେ ଜଣେ ଧୂପ ବ୍ୟବସାୟୀଙ୍କୁ ଛୁରି ଭୁସି ଲୁଟ୍ କରିବା ଘଟଣାରେ ଭରତପୁର ଥାନା ପୋଲିସ ସମ୍ପୃକ୍ତ ଗ୍ୟାଙ୍ଗ ମୁଖ୍ୟଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର କାଳିଆ ଓରଫ ଦୀପକ ପ୍ରଧାନ(୨୩) ଓ ସହଯୋଗୀ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲରେ ରହୁଥିବା ଲୁଡୁ ଓରଫ ଶୁଭମ ସ୍ୱାଇଁ(୨୦)। ଏମାନଙ୍କଠାରୁ ଗୋଟିଏ ଛୁରି, ଗୋଟିଏ ବାଇକ ଓ ୧୫ ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗର ସଦସ୍ୟମାନେ ଏକାଧିକ ଲୁଟ୍ ଘଟଣାରେ ସମ୍ପୃକ୍ତ ଅଛନ୍ତି। ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଖୋଜାଚାଲିଛି ବୋଲି ଥାନାଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।

ପୋଲିସ ସୂଚନାନୁସାରେ, ମାଷ୍ଟରମାଇଣ୍ଡ୍ କାଳିଆ କେତେଜଣ ସହଯୋଗୀଙ୍କ ସହ ମିଶି ଏକ ଗ୍ୟାଙ୍ଗ୍ ଗଢ଼ିଥିଲେ। ଗ୍ୟାଙ୍ଗର ସଦସ୍ୟମାନେ ଦୁଇଜଣିଆ ଦଳ ହୋଇ ବାଇକରେ ବୁଲି ଲୁଟ୍‌ପାଟ କରନ୍ତି। ଲୁଡୁ ଚୋରା ମୋବାଇଲ ଫୋନ୍ ବିକ୍ରି କରନ୍ତି। କଳିଙ୍ଗନଗର କେ-୩ରେ ରହୁଥିବା ଧୂପ ବ୍ୟବସାୟୀ ବିଭୁପ୍ରସାଦ ଦାଶ ନିଜ କାମ ସାରି ମେ' ୧୬ ରାତିରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୧୧ଟା ୫୦ରେ ଘାଟିକିଆ ହନୁମାନ ମନ୍ଦିର ନିକଟରେ ବିଭୁପ୍ରସାଦ ଯାଉଥିବାବେଳେ ଗ୍ୟାଙ୍ଗର ସଦସ୍ୟ ସଲମନ୍‌ଙ୍କ ସହ କାଳିଆ ତାଙ୍କୁ ଅଟକାଇ ଟଙ୍କା ବ୍ୟାଗକୁ ଛଡାଇବାକୁ ଚେଷ୍ଟା କରିଥିଲେ। ବିଭୁପ୍ରସାଦ ବିରୋଧ କରିବାରୁ ସେମାନେ ତାଙ୍କ ପେଟକୁ ଛୁରାମାଡ କରି ୩ ହଜାର ଟଙ୍କା ଥିବା ବ୍ୟାଗ ଓ ମୋବାଇଲ ଫୋନ୍ ନେଇ ପଳାଇଥିଲେ। ବିଭୁପ୍ରସାଦ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡିଥିବା ଦେଖି ଉକ୍ତ ବାଟଦେଇ ଯାଉଥିବା କେତେଜଣ ବ୍ୟକ୍ତି ଆମ୍ବୁଲାନ୍ସରେ ନିକଟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେ ବର୍ତ୍ତମାନ ଏମ୍‌ସରେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ବନ୍ଧୁ ପ୍ରଭାତ ରଞ୍ଜନ ଦାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯୧/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି।

# ରାଜଧାନୀରେ ବୁଲିଲା ଖଣ୍ଡା

ଭୁବନେଶ୍ୱର,୬।୬(ବ୍ୟୁରୋ)

**ସାଇକେଲରେ ଅଟୋ ବାଜିବାରୁ ଗଣ୍ଡଗୋଳ**

ରାଜଧାନୀ ନୟାପଲ୍ଲୀ ଥାନା ଅଞ୍ଚଳରେ ଖଣ୍ଡା ବୁଲିଛି। ସୋମବାର ରାତି ପ୍ରାୟ ୧୦ଟାବେଳେ ସିଆର୍‌ପି ଛକ ନିକଟ ମୁଣ୍ଡା ସାହିରେ ଗୋଟିଏ ଅଟୋ ପଡ଼ୋଶୀଙ୍କ ଏକ ସାଇକେଲରେ ଧକ୍କା ହୋଇଯିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୋଟିଏ ପରିବାରର ୩ରୁ ଊର୍ଦ୍ଧ୍ୱ ସଦସ୍ୟ ଆସି ଅଟୋ ଚାଳକଙ୍କୁ ମାଡ଼ ମାରିବା ସହ ଖଣ୍ଡାରେ ଆକ୍ରମଣ କରିଛନ୍ତି। ସୌଭାଗ୍ୟବଶତଃ ସାହିଲୋକଙ୍କ ହସ୍ତକ୍ଷେପ ପରେ ଅଟୋ ଚାଳକ ବର୍ତ୍ତିଯାଇଛନ୍ତି। ଆହତ ଅଟୋ ଚାଳକ ହେଲେ ପ୍ରଦୀପ ସେନାପତି। ଖବରପାଇ ପିସିଆର୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ଆକ୍ରମଣକାରୀମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ପ୍ରଦୀପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ମୁଣ୍ଡା ସାହିରେ ରହୁଥିବା ପ୍ରଦୀପ ନିଜ ଅଟୋରେ ତାଙ୍କ ସ୍ତ୍ରୀଙ୍କୁ ବସାଇ ମେଡିକାଲ ନେବାକୁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ଅଟୋ ବାହାର କରିବା ବେଳେ ପାଖରେ ଥିବା ପଡ଼ୋଶୀଙ୍କ ସାଇକେଲ ସହ ତାଙ୍କ ଧକ୍କା ହୋଇଯାଇଥିଲା। ଫଳରେ ସେମାନେ ଆସି ତାଙ୍କୁ ମାଡ ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ।ଥିଲା।



ଭୁବନେଶ୍ୱର ଜିକେସିମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ୩୦ତମ ନୃତ୍ୟାଞ୍ଜଳି ମହୋତ୍ସବ ଓ ପୁରସ୍କାର ପ୍ରଦାନ ଉତ୍ସବର ସୋମବାର ଉଦ୍‌ଯାପନ ଅବସରରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ୧୫ରେ ରାମକୃଷ୍ଣ ପତିଙ୍କ ସ୍ମୃତି ସମାରୋହ

ଭୁବନେଶ୍ୱର,୬।୬(ବ୍ୟୁରୋ)

କମ୍ୟୁନିଷ୍ଟ ଆନ୍ଦୋଳନ ନେତା, ସିପିଆଇ ନେତା ତଥା ବିଧାୟକ ରାମକୃଷ୍ଣ ପତିଙ୍କ ୩୬ତମ ସ୍ମୃତି ସମାରୋହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ରାମକୃଷ୍ଣ ପତି ସ୍ମୃତି କମିଟି ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ସୋମବାର ଭଗବତୀ ଭବନଠାରେ ଏହି ବୈଠକ ଆୟୋଜିତ ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ ଜୁନ ୧୫ରେ ଭଗବତୀ ଭବନରେ ନେତା ରାମକୃଷ୍ଣ ପତିଙ୍କ ସ୍ମୃତି ସମାରୋହ ପାଳନ କରାଯିବ। ଏଥିସହ କ୍ଷେତମୂଲିଆ ଆନ୍ଦୋଳନର କର୍ମୀ ଲୋକନାଥ ଭୋଇଙ୍କୁ 'ରାମକୃଷ୍ଣ ପତି ସମ୍ମାନ' ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରସ୍ତୁତି ବୈଠକରେ ସ୍ମୃତି କମିଟି ସମ୍ପାଦକ ସୁର ଜେନା, ପ୍ରମୋଦିନୀ ପାଇକରାୟ, ଶଙ୍କର ବାରିକ, ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆୟୁର୍ବେଦ ଚିକିତ୍ସା, ବ୍ରହ୍ମବିଦ୍ୟା ଟ୍ରଷ୍ଟର ସେବାକୁ ପ୍ରଶଂସା



ବ୍ରହ୍ମବିଦ୍ୟା ଟ୍ରଷ୍ଟର ମୁଖପତ୍ର 'ବ୍ରହ୍ମ ଚିକିତ୍ସା ବିଜ୍ଞାନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୬।୬(ବ୍ୟୁରୋ)

ବ୍ରହ୍ମବିଦ୍ୟା ଟ୍ରଷ୍ଟର ଦ୍ୱାଦଶତମ ପ୍ରତିଷ୍ଠା ଦିବସ ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ କାର୍ଯ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆୟୁର୍ବେଦ ଚିକିତ୍ସା ଓ ବ୍ରହ୍ମବିଦ୍ୟା ଟ୍ରଷ୍ଟର ସାମାଜିକ ସେବା ଭାବକୁ ପ୍ରଶଂସା କରିବା ସହ ଏହାକୁ ପ୍ରତ୍ୟେକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ ଏବଂ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅଭୟ କୁମାର ନାୟକ ଯୋଗଦେଇ ଟ୍ରଷ୍ଟର ବହୁମୁଖୀ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ ଜଙ୍ଗଲ ସେବାର ପୂର୍ବତନ ଅଧିକାରୀ ହରମୋହନ ମହାରଥା ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ଔଷଧୀୟ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଚିକିତ୍ସକ ପ୍ରଫେସର ଡା. ନାରାୟଣ ଚନ୍ଦ୍ର ଦାଶ ଏବଂ କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ଚକ୍ଷୁ ବିଶେଷଜ୍ଞ ଡା. ବାନାମ୍ବର ପାଣିଗ୍ରାହୀଙ୍କୁ ଟ୍ରଷ୍ଟ ତରଫରୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମବିଦ୍ୟା ପରିଷଦର ସଚିବ ଡ. ସତ୍ୟସ୍ମିତା ଜେନା ଟ୍ରଷ୍ଟର ବାର୍ଷିକ କାର୍ଯ୍ୟଧାରା ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ବ୍ରହ୍ମବିଦ୍ୟା ଟ୍ରଷ୍ଟର ମୁଖପତ୍ର 'ବ୍ରହ୍ମ ଚିକିତ୍ସା ବିଜ୍ଞାନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି। ଟ୍ରଷ୍ଟ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ଜେନା ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଟ୍ରଷ୍ଟର ଚକ୍ରଧର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରେ ପ୍ରଥମଥର ୭ ଟନ୍ ଇ-ୱେଷ୍ଟ ବିକ୍ରି

ଭୁବନେଶ୍ୱର,୬।୬(ବ୍ୟୁରୋ)



ବୈଠକରେ ଉପସ୍ଥିତ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

**ଷ୍ଟାଣ୍ଡିଂ କମିଟି ବୈଠକ**

- ■କୋଭିଡ୍ ସୁପରିଚାଳନା ପାଇଁ ବିଏମ୍‌ସିକୁ ପ୍ରଶଂସା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପବ୍ଲିକ୍ ହେଲଥ୍, ଇଲେକ୍ଟ୍ରିକ ସପ୍ଲାଏ, ୱାଟର ସପ୍ଲାଏ, ଡ୍ରେନେଜ୍ ଆଣ୍ଡ ଏନ୍‌ଭାଇରନମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ଅଧ୍ୟକ୍ଷ ତଥା ୫୯ ନଂ. ୱାର୍ଡର କର୍ପୋରେଟର ବିରଞ୍ଚିନାରାୟଣ ମହାସୁପକାର କହିଥିଲେ, ବିଏମ୍‌ସିରେ କରାଯାଉଥିବା ଜନସ୍ୱାସ୍ଥ୍ୟ ଏବଂ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ଅତ୍ୟନ୍ତ ଦରକାରୀ। ଗତ ୨ବର୍ଷ ହେବ କର୍ପୋରେଶନ ନ ଥାଇ ମଧ୍ୟ ବିଏମ୍‌ସିର ଅଧିକାରୀମାନେ କୋଭିଡ୍-୧୯ ମହାମାରୀର ସୁପରିଚାଳନା କରିଛନ୍ତି। ଫଳରେ ରାଜ୍ୟରେ ଭୁବନେଶ୍ୱରକୁ ଶ୍ରେୟ ମିଳିପାରିଛି। ଏଥିପାଇଁ ସେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଆରମ୍ଭରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଷ୍ଟାଣ୍ଡିଂ କମିଟିର ସଦସ୍ୟା/ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହିତ ବୈଠକର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ବିଏମ୍‌ସି ଡେପୁଟି କମିଶନର ସାନିଟେଶନ୍ ଏବଂ ପବ୍ଲିକ୍ ହେଲ୍‌ଥ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ, ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ର ନିୟମାବଳୀ ଅନୁସରଣ କରି ଭୁବନେଶ୍ୱରରେ ଗୋଷ୍ଠୀ ସହଭାଗିତାରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଏବଂ ମ୍ୟାଟେରିଆଲ୍ ରିକଭରି ଫାସିଲିଟି (ଏମ୍‌ଆର୍‌ଏଫ୍) କରାଯାଇଥିବା କହିଥିଲେ। ଭୁବନେଶ୍ୱରରେ ପ୍ରଥମ କରି ସରକାରଙ୍କ ନିୟମ ଅନୁସାରେ ୭ ଟନ୍ ଇ-ୱେଷ୍ଟ ବିକ୍ରୟ ହୋଇଥିବା ବେଳେ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଜନିତ ଉଲ୍ଲଙ୍ଘନକାରୀଙ୍କୁ ସଚେତନ କରାଯାଇଛି। ଏହି ଅଭିଯାନକୁ ଦୃଢ଼ କରିବା ପାଇଁ ୩ଟି ଜୋନ୍‌ରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ହେବ ବୋଲି ପ୍ରସ୍ତାବ ଦିଆଯାଇଥିବା ଶୁଭେନ୍ଦୁ କହିଛନ୍ତି। ସେହିପରି ସ୍ୱାସ୍ଥ୍ୟ, ଡ୍ରେନେଜ୍, ଇଲେକ୍ଟ୍ରିସିଟି ଏବଂ ପରିବେଶ ବିଭାଗର ଅଧିକାରୀ ନିଜ ଉପସ୍ଥାପନା ରଖିଥିଲେ। ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ ସହରର ସମସ୍ତ ବିଜୁଳି ଖୁଣ୍ଟକୁ ଲାଇଟ୍ ଯୋଗାଣ ଏବଂ ଏହି ସମ୍ପର୍କୀୟ ଅଭିଯୋଗ ସମାଧାନର ନିର୍ଦ୍ଧାରିତ ପନ୍ଥା ବାହାର କରିବାକୁ ବ୍ୟବସ୍ଥା କରାଯାଉଥିବା କହିଥିଲେ। ବୈଠକରେ ମେୟର ସୁଲୋଚନା ଦାସ, କର୍ପୋରେଟର ଭରତ କୁମାର ଲେଙ୍କା, ମିନୁଶ୍ରୀ ଖୁଣ୍ଟିଆ, ଛବି ଦାଶ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ମୋନାଲିସା ସାହୁ ଏବଂ ରଞ୍ଜୁଲତା ରାୟଙ୍କ ସମେତ ବିଏମ୍‌ସି ସେକ୍ରେଟାରୀ କମଳାକାନ୍ତ ବେହେରା, ଅର୍ବାନ୍ ପବ୍ଲିକ୍ ହେଲ୍‌ଥ ଅଫିସର ଡା. ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହସ୍ତଶିଳ୍ପ ପ୍ରଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୬।୬ (ବ୍ୟୁରୋ)

ହସ୍ତଶିଳ୍ପ ପ୍ରଶିକ୍ଷକଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ପରିସର ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ୬ଦିନ ଧରି ଚାଲିବାକୁ ଥିବା ଏହି ତାଲିମ ଶିବିରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୦ଜଣ ହସ୍ତଶିଳ୍ପ ପ୍ରଶିକ୍ଷକ ଯୋଗ ଦେଇଛନ୍ତି। ଏହାଦ୍ୱାରା ପ୍ରତ୍ୟକ୍ଷ ଭାବେ ହସ୍ତଶିଳ୍ପ ପ୍ରଶିକ୍ଷକଙ୍କ ଦକ୍ଷତା ବିକାଶ ହେବା ସଙ୍ଗେସଙ୍ଗେ ସେମାନଙ୍କ ଦ୍ୱାରା କାରିଗରମାନଙ୍କର ମଧ୍ୟ ଦକ୍ଷତା ବିକାଶ ହୋଇ ପାରିବ। କାର୍ଯ୍ୟକ୍ରମରେ ସିଡାକର ସଭ୍ୟ ସଚିବ ଶିଶିର କୁମାର ରଥ ସ୍ୱାଗତ ଭାଷଣରେ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ସିଡାକର ସହ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ନାଟ୍ୟ ସଂଘ କର୍ମକର୍ତ୍ତା

ଭୁବନେଶ୍ୱର, ୬।୬(ବ୍ୟୁରୋ)

ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ସୋମବାର ନାଟ୍ୟ ସଂଘର କର୍ମକର୍ତ୍ତା ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଓଡ଼ିଶାର କଳା, ସଂସ୍କୃତି ଓ ନାଟକର ଉନ୍ନତି ପଥରେ ସୃଷ୍ଟି କରୁଥିବା କେତେଗୁଡ଼ିଏ ସମସ୍ୟା ବିଷୟରେ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ନାଟ୍ୟ ସଂଘ ସଭାପତି ହରେନ୍ ସାହୁ, ଉପଦେଷ୍ଟା ଧୀରେନ୍ଦ୍ରନାଥ ମଲ୍ଲିକ, ସମ୍ପାଦକ ଶୁଭକାନ୍ତ ପାଢ଼ୀ, କୋଷାଧ୍ୟକ୍ଷ ସତ୍ୟନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୯ରେ ସୌରଭ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର, ୬।୬ (ବ୍ୟୁରୋ)

ସିଟି କ୍ଲବ୍ ପକ୍ଷରୁ ଆସନ୍ତା ୯ ତାରିଖରେ ରବୀନ୍ଦ୍ର ମଣ୍ଡପଠାରେ 'ସୌରଭ ସଙ୍ଗୀତ ସନ୍ଧ୍ୟା' ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସୌରଭ ନାୟକ, ଶ୍ରୀଚରଣ ମହାନ୍ତି, ବିଭୁ କିଶୋର, ବିଷ୍ଣୁ ମୋହନ କବି, ଶୈଳଭାମା ମହାପାତ୍ର, ଅମ୍ରିତା ନାୟକ, ପାୟଲ ମହାନ୍ତି ଏବଂ ସାରେଗାମାପା ଟପ୍ପର ଦେବାଂଶୀ ଦାଶ ଯୋଗଦେବେ। ଏହି ଅବସରରେ ଦେବାଂଶି ଏବଂ ଗୁରୁ ପୂର୍ଣ୍ଣଚନ୍ଦ୍ର ରାଉତରାୟଙ୍କୁ 'ସୌରଭ ସଙ୍ଗୀତ ସମ୍ମାନ' ପ୍ରଦାନ କରାଯିବ। ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ଡ. ଦିଲୀପ ଶ୍ରୀଚନ୍ଦନ, ସଭାପତି ଡ. ସୌର୍ଯ୍ୟ ରଞ୍ଜନ ପରିଜା, କଣ୍ଠଶିଳ୍ପୀ ସୌରଭ ନାୟକ, ଜଲିଲ୍ ଖାନ୍ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ।

# ଓଡ଼ିଆକୁ ଜ୍ଞାନର ଭାଷା କରିଥିଲେ ବିନୋଦ କାନୁନ୍‌ଗୋ




ଭୁବନେଶ୍ୱର, ୬।୬ (ବ୍ୟୁରୋ)

ଜ୍ଞାନମଣ୍ଡଳର ପ୍ରଣେତା, ଜ୍ଞାନ ତପସ୍ୱୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଓଡ଼ିଆ ଭାଷାକୁ ଜ୍ଞାନର ଭାଷାରେ ପରିଣତ କରିଥିଲେ ବୋଲି ସୋମବାର ତାଙ୍କ ଜନ୍ମ ଦିନରେ ମତ ପ୍ରକାଶ ପାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଂସ୍କୃତି ଭବନଠାରେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଲେ, ବିନୋଦ କାନୁନ୍‌ଗୋ ଜ୍ଞାନ ଓ ବିନୟର ମୂର୍ତ୍ତିମନ୍ତ ଅବତାର ଥିଲେ। ତାଙ୍କ ବିବେଚନାରେ ଯେଉଁ ଭାଷା ଜ୍ଞାନର ଭାଷା ହେବାକୁ ଅସମର୍ଥ, ସେ ଭାଷା ଆଦୌ ଭାଷା ପଦବାଚ୍ୟ ନୁହେଁ ବୋଲି ଡ. ମଲ୍ଲିକ କହିଛନ୍ତି। ମୁଖ୍ୟ ଅତିଥି ଭାବେ କବି ତଥା ସମାଲୋଚକ ଡ. ଭଗବାନ ଜୟସିଂହ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ବିବେକାନନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ଏକାଡେମୀସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ପୃଥିବୀର ବଡ଼ ବଡ଼ ବିପ୍ଳବ ଲେଖାଦ୍ୱାରା ପ୍ରଭାବିତ

ଭୁବନେଶ୍ୱର, ୬।୬ (ବ୍ୟୁରୋ)



କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ।

**ବିନୋଦ କାନୁନ୍‌ଗୋଙ୍କ ଜୟନ୍ତୀରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ**

ଅସରନ୍ତି ଜ୍ଞାନର ଭଣ୍ଡାର ହେଉଛି ଜ୍ଞାନମଣ୍ଡଳ। ଏହା ଆମ ଜାତିର ଏକ ଅମୂଲ୍ୟ ସମ୍ପଦ। ଯେଉଁ ଜାତିର ଭାଷା ଯେତେ ଶୁଦ୍ଧ ତାହାର ସଂସ୍କୃତି ସେତେ ସମୃଦ୍ଧ। ସାମାଜିକ ପରିବର୍ତ୍ତନ ପାଇଁ ସଂଗଠିତ ହୋଇଥିବା ଯେତେସବୁ ବଡ଼ବଡ଼ ବିପ୍ଳବ ତାହା ଲେଖା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ଆମେ ପ୍ରତ୍ୟେକ ଦିନ ପଢ଼ିବା ପାଇଁ କିଛି ସମୟ ବାହାର କରିବା ଉଚିତ। ତେବେ ଯାଇ ବୌଦ୍ଧିକ ଚେତନାର ବିକାଶ ହୋଇପାରିବ ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜ୍ଞାନମଣ୍ଡଳର ପ୍ରଣେତା ଗାନ୍ଧୀବାଦୀ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କ ୧୧୦ତମ ଜୟନ୍ତୀ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରଠାରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପାତ୍ର ଏହା କହିବା ସହ ବିଭାଗର ଉନ୍ନତି ଉପରେ ଗୁରୁତ୍ୱ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଓ ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଲେ, ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସ୍ୱର୍ଗତ କାନୁନ୍‌ଗୋ ଜ୍ଞାନମଣ୍ଡଳ ରଚନା କରିଛନ୍ତି। ଏହି ପୁସ୍ତକଗୁଡ଼ିକୁ ସମସ୍ତେ ପଢ଼ିବା ଉଚିତ। ଲେଖା ସବୁବେଳେ ଅମର। ତେଣୁ ପ୍ରତିଦିନ କିଛି ନା କିଛି ଲେଖିବା ଆବଶ୍ୟକ। ଏହାଦ୍ୱାରା ଭାଷାଗତ ଶୁଦ୍ଧତା ଆସିବ। ଏଥିସହ ଅନୁବାଦ ସାହିତ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ ସେ ଲେଖକମାନଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ କହିଲେ, ବିଭାଗ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମ ସମୂହର ପ୍ରଭାବ ଦିଗନ୍ତ ବିସ୍ତାରୀ। ବିଭାଗ ୧୭୬ଟି ଦିବସ ପାଳନ କରୁଛି ଏବଂ ଆଗାମୀ ଦିନରେ ଅଧିକ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ଚେଷ୍ଟା ଜାରି ରଖିଛି ବୋଲି କହିଛନ୍ତି। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ରାଜ୍ୟ ଗ୍ରନ୍ଥାଗାରର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ମୁଖ୍ୟ ସଚିବ ସୁରେନ୍ଦ୍ର ଦାସ, ବୁଦ୍ଧିଜୀବୀ, ପୁସ୍ତକପ୍ରେମୀ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

### ରଘୁନାଥଜୀଉ ନାଟ୍ୟ ସଂଘର ବାର୍ଷିକ ଉତ୍ସବ

ଖୁଣ୍ଟୁଣୀ,(ଡି.ଏନ୍.ଏ.)- ଖୁଣ୍ଟୁଣୀ ଥାନା ଅଧୀନ ତାଳଭାଗ ଗ୍ରାମର ଶ୍ରୀ ଶ୍ରୀ ରଘୁନାଥଜୀଉ ନାଟ୍ୟ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରାମଲୀଳା ପରିବେଷଣ କରାଯାଇଥିଲା। ନାଟ୍ୟକାର ତଥା ନିର୍ଦ୍ଦେଶକ କାଶୀନାଥ ବେଉରାଙ୍କ ନିର୍ଦ୍ଦେଶନାରେ ଶୁକ୍ରବାର ପ୍ରଥମ ରାତ୍ରିରେ ସୀତା ଚୋରି ଓ ଜପାସୁର ବଧ, ଶନିବାର ସୀତା ଠାବ ଓ ଲଙ୍କା ପୋଡି ଏବଂ ରବିବାର ତୃତୀୟ ରାତ୍ରୀରେ ମହୀରାବଣ ବଧ ନାଟକ ପରିବେଷଣ କରାଯାଇଥିଲା। ଜଗ୍ନେଶର ବେଉରା ଓ ତାଙ୍କ ସାଥିମାନେ ବାଦ୍ୟ, ସଙ୍ଗୀତ ପରିବେଷଣ କରିଥିବାବେଳେ ବିଜୟ ବେହେରା ମଞ୍ଚ ପରିଚାଳନା କରିଥିଲେ।



## ଆଜି କ'ଣ କେଉଁଠି

କଟକ

- କଳା ବିକାଶ କେନ୍ଦ୍ର ପକ୍ଷରୁ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଶିବିରର ଦ୍ୱିତୀୟ ସନ୍ଧ୍ୟା, କେନ୍ଦ୍ର ପରିସର, କେଭିକେ ମାର୍ଗ, ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ଶିବଶକ୍ତି ସିଦ୍ଧ ଯୋଗାଶ୍ରମ, ସେକ୍ଟର-୮, ମର୍କତନଗର, ସନ୍ଧ୍ୟା ୬ଟା।

# ଥଇଥାନ, ପୁନର୍ବାସ ପ୍ରସ୍ତାବକୁ ଅନୁମୋଦନ

**କଟକ ଅଫିସ, ୬।୬**

### କଟକଚଣ୍ଡୀ ମନ୍ଦିର ଉନ୍ନୟନ ପ୍ରକଳ୍ପ

- ସ୍ଥାୟୀ ବାସଗୃହ ହରାଉଥିବା ବ୍ୟକ୍ତି, ଅନୁଷ୍ଠାନକୁ ମିଳିବ କ୍ଷତିପୂରଣ
- ଶୈଳବାଳା କଲେଜ ପରିସର ସରକାରୀ ଜମି ଅଧିଗ୍ରହଣ ହେବ
- ପ୍ରକଳ୍ପ ଶେଷ ପରେ ସ୍ୱୀକୃତ ଦୋକାନୀଙ୍କୁ ମିଳିବ ଦୋକାନ
- ଥଇଥାନ ଓ ପୁନର୍ବାସ ପ୍ରସଙ୍ଗକୁ ତଦାରଖ କରିବ ପିଆଇସି

କଟକଚଣ୍ଡୀ ମନ୍ଦିର ଉନ୍ନୟନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ବ୍ୟକ୍ତି ଏବଂ ଅନୁଷ୍ଠାନକୁ ଥଇଥାନ ଓ ପୁନର୍ବାସ ଯୋଜନାରେ ସାମିଲ କରାଯିବ। ଥଇଥାନ ଓ ପୁନର୍ବାସ ସମ୍ପର୍କିତ ଏକ ପ୍ରସ୍ତାବ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ପଠାଇଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଉକ୍ତ ପ୍ରସ୍ତାବ ସହ ପ୍ରକଳ୍ପ କାର୍ଯ୍ୟକାରୀ କମିଟି (ପିଆଇସି) ଗଠନକୁ ମଧ ଅନୁମୋଦନ ଦେଇଛି। ଉକ୍ତ କମିଟି ଥଇଥାନ ଓ ପୁନର୍ବାସ ପ୍ରସଙ୍ଗକୁ ତଦାରଖ, ସମୀକ୍ଷା ଓ ସଂଯୋଜନା କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ୨୦୧୩ କ୍ଷତିପୂରଣ ଆଇନ ଓ ୨୦୧୬ ଏପ୍ରିଲ ୫ ତାରିଖ ବିଜ୍ଞପ୍ତି ଆଧାରରେ ସ୍ଥାୟୀ ବାସଗୃହ ହରାଉଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ କ୍ଷତିପୂରଣ ରାଶି ମିଳିବ। ଯେଉଁମାନେ କ୍ଷତିପୂରଣ ରାଶି ଗ୍ରହଣ ନ କରି ବିକଳ୍ପ ଭାବେ ଜମି ବଦଳରେ ଜମି ଚାହିଁବେ, ସେମାନଙ୍କ ପାଇଁ ସମମୂଲ୍ୟର ଜମି ପ୍ରଦାନ ବ୍ୟବସ୍ଥା କରାଯିବ। ସେହିପରି ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଉଥିବା ଜମି ଉପରେ ଥିବା ନିର୍ମାଣ ନିମନ୍ତେ ମଧ ସମ୍ପୂର୍ଣ୍ଣ କ୍ଷତିପୂରଣ ମିଳିବ। ଜମି ଅଧିଗ୍ରହଣରେ ସମ୍ପତ୍ତିରୁ ହେଉଥିବା ରୋଜଗାର ହରାଉଥିବା ବ୍ୟକ୍ତିଙ୍କୁ ୫ଲକ୍ଷ ଟଙ୍କା ସହାୟତା ଦିଆଯିବ। ଜମି ହରାଉଥିବା ବ୍ୟକ୍ତିଙ୍କୁ ପରିବହନ ଓ ତୁରନ୍ତ ବ୍ୟବସ୍ଥା ପାଇଁ ସ୍ଥାନାନ୍ତରଣ ଭତ୍ତା ବାବଦରେ ୧ ଲକ୍ଷ ଟଙ୍କା ମିଳିବ। ସରକାରୀ ଜମିରେ ଥିବା କୋଠା ବାବଦକୁ ଅନୁକମ୍ପା ମୂଳକ ସହାୟତା ଦିଆଯିବାର ମଧ ବ୍ୟବସ୍ଥା ରହିଛି। ଏମାନଙ୍କୁ ଥଇଥାନ ଅନୁଦାନ ବାବଦରେ ୨ ଲକ୍ଷ ୭୩ ହଜାର ଟଙ୍କା ଓ ସ୍ଥାନାନ୍ତରଣ ଭତ୍ତା ବାବଦରେ ୫୦ହଜାର ଟଙ୍କା ଦିଆଯିବ। ସ୍ୱୀକୃତିପ୍ରାପ୍ତ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନକୁ ମନ୍ଦିର କର୍ତ୍ତୃପକ୍ଷଙ୍କ ଦ୍ୱାରା ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ। ଏଥିସହିତ ପ୍ରସ୍ତାବିତ ପ୍ରକଳ୍ପ ଶେଷ ହେବା ପରେ ମନ୍ଦିର କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱୀକୃତ ଦୋକାନୀଙ୍କୁ ଦୋକାନ ଘର ପ୍ରାଥମିକତା ଭିତ୍ତିରେ ଦିଆଯିବ। ସରକାରୀ ଜମିରେ ଥିବା ସମସ୍ତ ଧର୍ମପୀଠ ଉଚ୍ଛେଦ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ମିଳିବ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ସରକାରୀ ଜମି ଏହି ପ୍ରକଳ୍ପ ପାଇଁ ଉପଲବ୍ଧ ହେବ। ଜମି ବାବଦ କ୍ଷତିପୂରଣ ରାଶି ନିର୍ଦ୍ଧାରଣ ବେଳେ ଶୈଳବାଳା ମହିଳା ମହାବିଦ୍ୟାଳୟର ଆମନ୍ତ୍ରିତ ସଦସ୍ୟ ଓ ଉଚ୍ଚଶିକ୍ଷା ବିଭାଗ ସହ ପିଆଇସି ପରାମର୍ଶ କରିବ। ସୂଚନାଯୋଗ୍ୟ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ପିଆଇସିର ଅଧ୍ୟକ୍ଷ ଥିବାବେଳେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଆବାହକ ରହିଛନ୍ତି। ଏଥିରେ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ, ସିଏମ୍‌ସି କମିଶନର ଅନନ୍ୟା ଦାସ, କଟକ ଡିସିପି ପିନାକ ମିଶ୍ର, ଓବିସିସି ପରିଚାଳନା ନିର୍ଦ୍ଦେଶକ, ମୁଖ୍ୟଯନ୍ତ୍ରୀ (ରାସ୍ତା), ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ), ଟିପିସିଓଡିଏଲର ଉପସାାଧାରଣ ପରିଚାଳକ, ୱାଟ୍‌କୋର ସାଧାରଣ ପରିଚାଳକ ଏବଂ ଚଣ୍ଡୀମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସଦସ୍ୟ ଅଛନ୍ତି।

# ଭାଜପା ଏସ୍‌ଏଚ୍‌ଜି କର୍ମୀ ସମାବେଶ



ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସମାରୋହକୁ ଉଦ୍‌ଘାଟନ କରୁଛନ୍ତି।

**କଟକ ଅଫିସ, ୬।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ଅଷ୍ଟମ ବର୍ଷ ପୂର୍ତ୍ତି ଅବସରରେ କଟକ ସାରଳା ଭବନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) କର୍ମୀ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାର ମହିଳାଙ୍କୁ ସଶକ୍ତୀକରଣ ଓ ସ୍ୱାବଲମ୍ବୀ କରିବା ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ରାଜ୍ୟରେ ଉକ୍ତ ଯୋଜନାଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟାନ୍ତମୂଳକ ପଦକ୍ଷେପ ଓ ସହାୟତା ଭାରତ ତଥା ବିଶ୍ୱ ଦରବାରରେ ପ୍ରଶଂସନୀୟ ହୋଇଛି। ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଦଳର ବରିଷ୍ଠ ନେତା ନୟନ କିଶୋର ମହାନ୍ତି କହିଥିଲେ, ମହିଳାମାନେ ସମ୍ମାନର ସହ ଜୀବନ ନିର୍ବାହ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ୧୦ କୋଟିରୁ ଉର୍ଦ୍ଧ୍ୱ ଗ୍ୟାସ ସଂଯୋଗ, ସ୍ୱଚ୍ଛ ଭାରତ ମିଶନ, ଟଏଲେଟ୍ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପ୍ରଦାନ କରିଛନ୍ତି। ଏହି ସମାବେଶରେ ଭାଜପା କଟକ ନଗର ସଭାପତି ଲଳାଟେନ୍ଦୁ ବଡୁ, ଶ୍ରୀତମ ଦାସ, ବିନୋଦ ଦାସ, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କଟକ ନଗର ସଭାନେତ୍ରୀ ପ୍ରବୀଣା ମହାପାତ୍ର ଅତିଥି ପରିଚୟ ଓ କଟକ ନଗର ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସଂଯୁକ୍ତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ଭଙ୍ଗାହେଲା ୧୧୦ ଘର, ଦୋକାନ



କଟକ ଅଫିସ,୬।୬- ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସୋମବାର ଗୋଶାଳାଠାରୁ ବିରିବାଟି କେନାଲ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କରାଯାଇଛି। ମୋଟ୍ ୧୧୦ଟି ଘର ଓ ଦୋକାନ ଘର ଭଙ୍ଗାଯାଇଛି। ତେବେ ଦୋକାନୀଙ୍କୁ ୨୦ ହଜାର ଟଙ୍କା ଓ ଘର ମାଲିକଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ଜବରଦଖଲ ଉଚ୍ଛେଦବେଳେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ପଞ୍ଚାନନ ପାଲ, ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ଟାୟାର, ମୋବିଲ ଜବତ, ୩ ଗିରଫ

କଟକ ଅଫିସ,୬।୬- ଚୋରି ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସରୋଜ କୁମାର ଭୋଇ, ଲକ୍ଷ୍ମୀକାନ୍ତ ଭୋଇ ଓ ଚୋରି ଜିନିଷ ରଖିଥିବା ଯୋବ୍ରା ଅଞ୍ଚଳର ରମେଶ ଚନ୍ଦ୍ର ସାହୁ। ସେମାନଙ୍କଠାରୁ ୩୦ ପେଟି ମୋବିଲ, କିଛି ଟ୍ୟୁବ୍ ଓ ଗାଡି ଟାୟାର ଜବତ କରାଯାଇଛି। କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ(ସିଆର୍‌ଆର୍‌ଆଇ) ପରିସରରେ ଥିବା କହ୍ନେଇପୁର ଅଞ୍ଚଳର ଶିବକେତନ ହୋତାଙ୍କ ଘରୁ ଗତ ୩ ତାରିଖରେ ଗାଡି ଟାୟାର, ଟ୍ୟୁବ୍ ଓ ମୋବିଲ ଚୋରି ହୋଇଥିଲା। ଏ ନେଇ ସେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୯/୨୨) ରୁଜୁ କରିଥିଲା। ପରେ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ରବିବାର ଗିରଫ କରିଥିଲା।

## ଭାଜପାର ମହିଳା ସମାବେଶ

ଚୌଦ୍ୱାର, ୬।୬(ଡି.ଏନ୍.ଏ.)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ଶାସନର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ଚୌଦ୍ୱାର ଟାଉନ୍ ହଲ୍‌ରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସିନୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଭାଜପା ନେତା ପ୍ରକାଶ ଚନ୍ଦ୍ର ବେହେରା, ନୟନ କିଶୋର ମହାନ୍ତି, ରାମନାରାୟଣ ମହାନ୍ତି, ଅମର ନାୟକ, ଲଲାଟେନ୍ଦୁ ବଡୁ, ପ୍ରବୀଣା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କେନ୍ଦ୍ର ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ମହିଳାଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ଭାଜପା ନେତ୍ରୀ ଦେବସ୍ମିତା ନାୟକ, ଜ୍ଞାନେନ୍ଦ୍ର ସ୍ୱାଇଁ, ବୈରାଗୀ ପ୍ରଧାନଙ୍କ ସମେତ ଅନେକ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ମହିଳା ଭାଗବତ ମଣ୍ଡଳ ପ୍ରତିଯୋଗିତା ଉଦ୍‌ଯାପିତ

ବାଙ୍କୀ,୬।୬(ସ୍ୱ.ପ୍ର.): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୧୧ ନଂ. ୱାର୍ଡ ଚର୍ଚ୍ଚିକା ହରିଜନ ସାହିରେ ୨ଦିନ ଧରି ଚାଲିଥିବା ମହିଳା ଭାଗବତ ମଣ୍ଡଳ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାର ନିଆଳ, କେରଙ୍ଗ ଓ ବାଙ୍କୀର ବନ୍ଦାଳ, ପାଥପୁର, ଚର୍ଚ୍ଚିକା, ପାଟପୁର ଅଞ୍ଚଳର ମହିଳା ଭାଗବତ ମଣ୍ଡଳ ସଦସ୍ୟାମାନେ ଭାଗନେଇଥିଲେ। ଉପନଗରପାଳ ସନ୍ତୋଷ ରଣା ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କାଉନ୍‌ସିଲର ସନାତନ ବେହେରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବାଙ୍କୀର ହରିଜନ ସାହି ବାସିନ୍ଦାଙ୍କ ଏଭଳି ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। ସାହିର ପ୍ରମୋଦ ଭୋଇ, ରଞ୍ଜିତ ଭୋଇ, କାଳୁଭୋଇ, ବାଉରୀବନ୍ଧୁ ଭୋଇ, ଦିଲ୍ଲୀପ କୁମାର ଭୋଇଙ୍କ ସମେତ ମହିଳା ଭାଗବତ ମଣ୍ଡଳର ସଭ୍ୟମାନେ ଏଥିରେ ସହଯୋଗ କରିଥିଲେ।

# 'ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ପଦକ୍ଷେପ ନିଆଯାଉଛି'




ଲୋକାର୍ପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ, ଜିଲାପାଳ, କମିଶନରଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୬।୬**

### କଟକ ଜିଲାର ୧୩୫ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

କଟକ ଜିଲାର ୧୩୫ ରୂପାନ୍ତରିତ ହାଇସ୍କୁଲ ସୋମବାର ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ୍‌ରେ ଏହାକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ କଟକ ସୟିଦ ସେମିନାରୀ ହାଇସ୍କୁଲ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରୂପାନ୍ତରଣ ହୋଇଥିବା ବିଦ୍ୟାଳୟଗୁଡ଼ିକର ଫଟୋ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ସୟିଦ ସେମିନାରୀ ସ୍କୁଲ ସ୍ୱାଧୀନତା ପୂର୍ବରୁ ନିର୍ମାଣ ହୋଇଥିଲା। ଏବେ ଏହାର ନବକଳେବର ହୋଇଛି। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। କଟକ ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ପଦକ୍ଷେପ ନେଇଛନ୍ତି ବୋଲି ମିଶ୍ର କହିଥିଲେ। ଏହି ଅବସରରେ ଦଶମ ଶ୍ରେଣୀ ଛାତ୍ରୀ ସାନିୟା ସୋଗ୍ରା ସ୍କୁଲକୁ ନେଇ ନିଜ ଅନୁଭୂତି ବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସେ ବହୁତ ଖୁସି ଅନୁଭବ କରିଥିବା କହିଛନ୍ତି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, କଟକ ମହାନଗର ନିଗମ ମେୟର ସୁବାସ ସିଂ, ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ପ୍ରତାପ ଜେନା, ଚନ୍ଦ୍ରସାରଥି ବେହେରା, ପ୍ରଶାନ୍ତ କୁମାର ବେହେରା, ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଓ ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାରୁ ଡ୍ରେନ ପାଣି ନିଷ୍କାସନ ପାଇଁ ନିର୍ଦ୍ଦେଶ
### ଜିଲାପାଳଙ୍କ ଜନଶୁଣାଣି ଶିବିରରେ ୧୩୬ ଅଭିଯୋଗ

**ନିଆଳି, ୬।୬(ଡି.ଏନ୍.ଏ.)**

ନିଆଳି ବ୍ଲକ କାର୍ଯ୍ୟାଳୟରେ କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୪ଟି ବ୍ୟକ୍ତିଗତ ଅଭିଯୋଗ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ୨୫ ଓ ଜନସାଧାରଣଙ୍କ ୭ଟି ଅଭିଯୋଗ ଉପସ୍ଥାପନ ହୋଇଥିଲା। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ନିଆଳି-ଫୁଲନଖରା ୬୦ ନଂ. ରାଜ୍ୟ ରାଜପଥର ନିଆଳି ମେଡିକାଲ ଛକ ନିକଟରେ ଦୀର୍ଘଦିନ ଧରି ଡ୍ରେନ୍ ପାଣି ଜମି ରହୁଛି। ଫଳରେ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ପଥଚାରୀମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗୁହାଳ ଆବଣ୍ଟନ, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ବଣ୍ଟନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାରୀ ନିୟମକୁ ପାଳନ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା। ଗୋଚର, ଜଙ୍ଗଲ ଜମିରେ ବେଆଇନ ଗୃହ ନିର୍ମାଣ ଭଳି ଅଭିଯୋଗ ହୋଇଥିଲା। ତୁରନ୍ତ ଏହାର ତଦନ୍ତ କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ବିଡିଓ ଅଶୋକ କୁମାର ଲେଙ୍କା, ତହସିଲଦାର ବିଦ୍ୟାଧର ପତି, ସଦର ଡିଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଆଇଆଇସି ବିଜୟ କୁମାର ମଲ୍ଲିକ, ଅତିରିକ୍ତ ବିଡିଓ ରାଜେନ୍ଦ୍ର ଦଳେଇଙ୍କ ସମେତ ବିଭିନ୍ନ ବିଭାଗୀର ଅଧିକାରୀ ଉପସ୍ଥିତ ଥିଲେ।

# ଏଆର୍‌ସି ପରିସରରେ ଅଗ୍ନିକାଣ୍ଡ

**ଚୌଦ୍ୱାର, ୬।୬(ଡି.ଏନ୍.ଏ.)**

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ଚାରବାଟିଆସ୍ଥିତ ଆଭିଏଶନ ରିସର୍ଚ୍ଚ ସେଣ୍ଟର (ଏଆର୍‌ସି) ପରିସରରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବହୁ ଅନାବନା ଓ ଶୁଖିଲା ଗଛ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଚୌଦ୍ୱାର ଓ ଏଆର୍‌ସିର ଦୁଇଟି ଦମକଳ ଗାଡି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ପ୍ରାୟ ସାଢ଼େ ୩ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ ନିଆଁ ଲାଗିଥିଲା। ଏହି ସମୟରେ ପବନ ଜୋରରେ ବହୁଥିବାରୁ ଚତୁଃପାର୍ଶ୍ୱକୁ ନିଆଁ ବ୍ୟାପି ଯାଇଥିଲା। ଏଆର୍‌ସିର ଜଣେ କର୍ମଚାରୀ ଏହାଦେଖି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ।

# ଜବରଦଖଲକାରୀଙ୍କ ଘର ଭଙ୍ଗାଗଲା

**କଣ୍ଟାପଡା, ୬।୬(ଡି.ଏନ୍.ଏ.)**

### ଜିଲାପାଳଙ୍କ ଅଚାନକ ଚଢ଼ାଉ

କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରର ଛାତ୍ରୀନିବାସ ସମ୍ମୁଖକୁ ଅବରୋଧ କରି ନିର୍ମାଣ ହେଉଥିବା ଏକ ଘରକୁ ସୋମବାର ଭାଙ୍ଗି ଦିଆଯାଇଛି। ଏସ୍‌ଭି ନିର୍‌ତାର ସମ୍ମୁଖରେ ଯାଇଥିବା ରାସ୍ତାଟି ଜଣେ ବ୍ୟକ୍ତିଙ୍କର ବ୍ୟକ୍ତିଗତ ଜମି ହୋଇଥିବାବେଳେ କିଛିଦିନ ତଳେ ସେ ତାହାକୁ ରାଜ୍ୟ ସରକାରଙ୍କୁ ଦାନ କରିଛନ୍ତି। ଉକ୍ତ ଜମିକୁ ଲାଗି ପ୍ରାଚୀ ଜଳସେଚନ ବିଭାଗର କେନାଲ ଜମି ରହିଛି। କେତେକ ବ୍ୟକ୍ତି ଏହାକୁ ଜବରଦଖଲ କରିବା ସହ ଏହା ପାର୍ଶ୍ୱରେ ଥିବା ନିର୍‌ତାର ଛାତ୍ରୀ ନିବାସ ପାଚେରି ଉପରେ କାନ୍ଥ ନିର୍ମାଣ କରି ଘର କରୁଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଗଣ୍ଡଗୋଳ ଘଟୁଥିବାରୁ ନିର୍‌ତାର ପକ୍ଷରୁ ଜବରଦଖଲ ହଟାଇବା ସହ ରାସ୍ତା ନିର୍ମାଣ ପାଇଁ କଟକ ଜିଲାପାଳ ଓ କଣ୍ଟାପଡା ତହସିଲଦାରଙ୍କୁ ଗତ ୩ମାସ ତଳେ ଚିଠି ଲେଖାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆ ନ ଯିବାରୁ ଜବରଦଖଲକାରୀମାନେ ପକ୍କାଘର ନିର୍ମାଣ ଆରମ୍ଭ କରିଥିଲେ। ସୋମବାର ଜିଲାପାଳ ଭବାନୀ ଶଙ୍କର ଚୟନୀ, ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର, କଟକ ସଦର ଉପଜିଲାପାଳ ପ୍ରତାପ ବେଉରା ନିଆଳି ବ୍ଲକରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମ ପାଇଁ ଯାଉଥିବାବେଳେ ହଠାତ ନିର୍‌ତାର ଭିତରକୁ ପଶିଆସି ବିରକ୍ତି ପ୍ରକାଶ କରିଥିଲେ। ସେ ସଙ୍ଗେସଙ୍ଗେ କଣ୍ଟାପଡା ତହସିଲଦାର ମିତାଞ୍ଜଳି ଦାସଙ୍କୁ ଘଟଣାସ୍ଥଳକୁ ଡକାଇ ତୁରନ୍ତ ପଦକ୍ଷେପ ନେବା ପାଇଁ କହିଥିଲେ। ତହସିଲଦାର ଏକ ଜେସିବି ଡକାଇ ଗୋଟିଏ ଘରକୁ ଭାଙ୍ଗିଥିଲେ। ଅନ୍ୟ ଜଣେ ଜବରଦଖଲକାରୀ ଜିନିଷପତ୍ର ନେଇଯିବା ପାଇଁ ଗୋଟିଏ ଦିନ ସମୟ ମାଗିବାରୁ ତାଙ୍କୁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଦିଆଯାଇଛି। ପୂର୍ବରୁ ଜବରଦଖଲ କରିଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ତୁରନ୍ତ ନୋଟିସ୍ କରିବା ସହ ଜବରଦଖଲ ହଟାଇବା ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲାପାଳ କଣ୍ଟାପଡା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସେବା ସମବାୟ ସମିତିର ଡିଇଓଙ୍କୁ ମାଡ଼ ଅଭିଯୋଗ

**ଟିଗିରିଆ,୬।୬(ଡି.ଏନ୍.ଏ.):** ଟିଗିରିଆ ଥାନା ଅନ୍ତର୍ଗତ ସୋମପଡା ସେବା ସମବାୟ ସମିତିରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ସଂଗ୍ରାମ କେଶରୀ ରାଉଳଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ରାଜ୍ୟରେ ସମବାୟ ସମିତି ନିର୍ବାଚନ ଚାଲୁଥିବା କାରଣରୁ ସୋମପଡା ସେବା ସମବାୟ ସମିତି ଠିକ୍ ଭାବେ ଖୋଲାଯାଉ ନ ଥିବା ନେଇ ଗ୍ରାମର କିଛି ଚାଷୀ ଏଆର୍‌ସିଙ୍କ ନିକଟରେ ଶନିବାର ଅଭିଯୋଗ କରିଥିଲେ। ଏହି ଅଭିଯୋଗର ତଦନ୍ତ ହୋଇ ନ ଥିବାବେଳେ ସୋମବାର ସମିତିର ବୋର୍ଡ ମେମ୍ବର ପାଇଁ ପ୍ରାର୍ଥୀପତ୍ର ଦାଖଲ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ସମୟ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସ୍ଥିର କରାଯାଇଥିଲା। କିନ୍ତୁ କେତେଜଣ ଚାଷୀ ସକାଳୁ ସମିତିରେ ତାଲା ପକାଇ ଦେବାରୁ ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥିଲା। ସମିତି ସମ୍ପାଦକ ବିଷ୍ଣୁଚରଣ ନାୟକ ଏ ନେଇ ତହସିଲଦାର, ପୋଲିସ ଏବଂ ଆଠଗଡ ଏଆର୍‌ସିଙ୍କୁ ଜଣାଇଥିଲେ। ସମସ୍ତଙ୍କ ଉପସ୍ଥିତିରେ ସମିତିର ତାଲା ଖୋଲାଯାଇ ନିର୍ବାଚନ କାର୍ଯ୍ୟ ସମ୍ପାଦନା ହୋଇଥିଲା। ପରେ ଡିଇଓ ସଂଗ୍ରାମ ସମିତି ବନ୍ଦ କରି ଘରକୁ ଯାଉଥିବାବେଳେ ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ କର୍ମଚାରୀ ମୃତ

**ସାଲେପୁର, ୬।୬(ଡି.ଏନ୍.ଏ)**

- କ୍ଷତିପୂରଣ ଦାବିରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା
- ଜଣଙ୍କୁ ଚାକିରି ସହ ୫୦ ଲକ୍ଷ ଟଙ୍କା ଦାବି
- କାର୍ଯ୍ୟବେଳେ ସେଫ୍‌ଟି ସରଞ୍ଜାମ ଦିଆଯାଇ ନଥିବା ଅଭିଯୋଗ

ସାଲେପୁର ଥାନା ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତସ୍ଥିତ ପ୍ରଧାନପଡା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ରବିବାର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ସତ୍ୟଭାମାପୁର ଗ୍ରାମର ଜୟନ୍ତ ଦାସ (୩୩)। ଏନେଇ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ. ୩୩/୨୨) ରୁଜୁ ହୋଇଛି। କ୍ଷତିପୂରଣ ଦାବିରେ ସୋମବାର ବହୁଗ୍ରାମସ୍ଥିତ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ସ୍ଥାନୀୟ ଲୋକେ ଧାରଣା ଦେଇଥିଲେ। ଜୟନ୍ତ ବହୁଗ୍ରାମସ୍ଥିତ ଟିପିସିଓଡିଏଲ୍‌ର ବିଦ୍ୟୁତ୍ ସେକ୍ସନରେ କାର୍ଯ୍ୟରତ ଥିଲେ। ସେ ରବିବାର ପ୍ରଧାନପଡାଠାରେ ବିଦ୍ୟୁତ୍ କାର୍ଯ୍ୟ କରୁଥିବା ବେଳେ ସଂସ୍ପର୍ଶରେ ଆସିବାରୁ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ରବିବାର ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି ସହ ୫୦ ଲକ୍ଷ କ୍ଷତିପୂରଣ ଦାବିରେ ଧାରଣା ଦିଆଯାଇଥିଲା। ବିଦ୍ୟୁତ୍ କାର୍ଯ୍ୟ ବେଳେ ଜୟନ୍ତଙ୍କୁ କୌଣସି ସେଫ୍‌ଟି ସରଞ୍ଜାମ ଦିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ଖବରପାଇ ବିଭାଗୀୟ କର୍ତ୍ତୃପକ୍ଷ ଓ ସାଲେପୁର ଥାନା ଅଧୀନ ପାଗା ପାଣ୍ଡି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ମୃତଦେହ ସଂସ୍କାର ପାଇଁ ୧୫ ହଜାର ଟଙ୍କା ସହ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## 'ବିଜ୍ଞାନକୁ ଲୋକପ୍ରିୟ କରାଇଥିଲେ ବିନୋଦ କାନୁନ୍‌ଗୋ'

**କଟକ ଅଫିସ, ୬।୬**

ସ୍ୱାଧୀନତା ସଂଗ୍ରାମୀ ବିନୋଦ କାନୁନ୍‌ଗୋ ଶିଶୁ ସାହିତ୍ୟକୁ ନୂଆ ଧାରା ଦେଇଥିଲେ। ଲେଖନୀ ମାଧ୍ୟମରେ ବିଜ୍ଞାନକୁ ଲୋକପ୍ରିୟ କରାଇଥିଲେ ବୋଲି ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି। ଜ୍ଞାନମଣ୍ଡଳର ରଚୟିତା, ଗବେଷକ, ସାମ୍ବାଦିକ ତଥା ସ୍ୱାଧୀନତା ସଂଗ୍ରାମୀ ବିନୋଦ କାନୁନ୍‌ଗୋଙ୍କ ଜୟନ୍ତୀ ଉତ୍ସବ କଟକ ସତିଚୌରାସ୍ଥିତ ସ୍ମୃତିପୀଠଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡ. ବିଜୟାନନ୍ଦ ସିଂ, ପ୍ରସନ୍ନଜିତ୍ ମହାନ୍ତି, ଡ. ହେମନ୍ତ ପରିଡ଼ା, ଶରତ ସାମଲ, ଆକାଶ ଭୂୟାଁ, ଅଜୟ ମହାନ୍ତି, ବୈଦ୍ୟନାଥ ବେହେରା, ବାବାଜୀ ଚରଣ ପଟ୍ଟନାୟକ, ମୀରା ବେଉରା, ବିଜୟ ପଡ଼ିହାରୀ, ଖଗେଶ୍ୱର ସେଠୀ ଯୋଗଦେଇଥିଲେ। ପ୍ରଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ୩ କାର୍‌କୁ ଧକ୍କା ଦେଲା ହାଇୱା, ରାସ୍ତାରୋକୋ

- ସାଇଡ୍ ମାରିବାରୁ କେନାଲରେ ଖସିପଡିଲେ ବାଇକ୍ ଚାଳକ
- ଅଳ୍ପକେ ବର୍ତ୍ତିଲେ ଗୋଟିଏ ପରିବାରର ୧୨ ସଦସ୍ୟ

**କଣ୍ଟାପଡା, ୬।୬(ଡି.ଏନ୍.ଏ.)**



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ସାଇଲୋ ଝାରପଡା-ଇଛାପୁର କେନାଲବନ୍ଧ ରାସ୍ତାର କୂଳବ୍ରାହ୍ମଣ ସାଇଲୋ ନିକଟରେ ସୋମବାର ଏକ ବାଲିବୋଝେଇ ହାଇୱା ତିନୋଟି କାର୍‌କୁ ଧକ୍କା ଦେଇଥିଲା। ପରେ ଏକ ବାଇକ୍‌କୁ ସାଇଡ୍ ମାରିବାରୁ ଚାଳକ କେନାଲରେ ପଡିଆହତ ହୋଇଛନ୍ତି। ଏହି ଘଟଣାରେ ପରେ ସ୍ଥାନୀୟ ଗ୍ରାମବାସୀ ଉକ୍ତ ରାସ୍ତାକୁ ଅବରୋଧ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ପୁରଣ ଗ୍ରାମର କ୍ଷୀରୋଦ ସେନାପତିଙ୍କ ପରିବାରର ୧୨ଜଣ ସଦସ୍ୟ ୩ଟି କାର୍(ନଂ. ଓଆର୦୨-ବିଟି ୧୪୦୭), (ନଂ. ଓଡ଼ି୧୪ଏମ୍-୪୪୪୦), (ନଂ. ଓଡ଼ି୦୫ବିଇ-୩୨୯୭)ରେ ପୁରୀରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଥିଲେ। କୂଳବ୍ରାହ୍ମଣ ସାଇଲୋ ନିକଟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବାଲିବୋଝେଇ ହାଇୱା (ନଂ. ଓଡ଼ି୩୩ଏ-୭୩୩୪)କୁ ଦେଖି କାର ତିନୋଟି ରାସ୍ତାପାର୍ଶ୍ୱରେ ଅଟକି ଯାଇଥିଲା। ଏହାସତ୍ତ୍ୱେ ହାଇୱା ଚାଳକ କାରଗୁଡିକୁ ଧକ୍କା ଦେଇ ଦ୍ରୁତି ଗତିରେ ପଳାଇଥିଲା। ମାତ୍ର କାର୍‌ରେ ଥିବା ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପରେ ହାଇୱାଟି ଧାନମଣ୍ଡଳ ନିକଟରେ ଏକ ବାଇକ୍(ନଂ. ଓଆର୦୫ଭି-୧୪୩୧)କୁ ସାଇଡ୍ ମାରିଥିଲା। ଫଳରେ ବାଇକ୍ ଚାଳକ ସ୍ଥାନୀୟ ଖେରସ ଗ୍ରାମର ଜିତେନ୍ଦ୍ର ମହାନ୍ତି(୩୫) କେନାଲକୁ ଖସିପଡି ଆହତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉକ୍ତ ହାଇୱାକୁ ସ୍ଥାନୀୟ ଲୋକେ ଅଡ଼ଶପୁର ନିକଟରେ ଜବତ କରିଛନ୍ତି। ହେଲେ ଚାଳକ ଫେରାର ହୋଇଯାଇଛନ୍ତି। ଉକ୍ତ ରାସ୍ତାଦେଇ ବାଲିବୋଝେଇ ହାଇୱା ଯାତାୟାତ ନ କରିବା ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି। ଗୋବିନ୍ଦପୁର ଥାନାଧିକାରୀ ଅନାମ ଚରଣ ନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଦୁର୍ଘଟଣା ଘଟାଇଥିବା ହାଇୱା ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଆଗାମୀ ଦିନରେ ବେପରୁଆ ଭାବେ ହାଇୱା ଚଳାଉଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ବଟି ଆଦାୟ୍ କରି ୪ ଗିରଫ

ପୁରୀ ଅଫିସ,-ବଟି ଆଦାୟ । ଅଭିଯୋଗରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳିଆପଣ୍ଡା ଥାନା ଗୌଡବାଡ ସାହି ଗୋପୀନାଥ ଲେନର ସଂଗ୍ରାମ କୁମାର ଭୋଇ ଏବଂ ଟାଉନଥାନା ଅନ୍ତର୍ଗତ ହରଚଣ୍ଡୀ ସାହିର ଶିବ ପ୍ରସାଦ ମହାପାତ୍ର। ଏମାନଙ୍କଠାରୁ ଗୋଟିଏ ଛୁରି ଓ ଗୋଟିଏ ଲୁହାରଡ ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ. ୧୮୫/୨୨) ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟ ଚକ୍ରକୋଟ ଲେନଠାରେ ଲୋକଙ୍କୁ ବଟି ମାଗୁଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରିଥିଲା। ସେହିପରି ବଳିଆପଣ୍ଡା ଥାନା ଅଞ୍ଚଳରେ ପର୍ଯ୍ୟଟକ ଗାଡିରୁ ବଟି ଆଦାୟ ଅଭିଯୋଗରେ ପୋଲିସ ଶିବଶକ୍ତି ସାହିର ମାଧବ ମଣ୍ଡଳ ଓ ବାସେଲି ସାହି ଥାନା ଥାନପତି ଲେନ୍‌ର ଦିଗାମ୍ବର ପରିଡ଼ାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ ଛୁରି, ମୋବାଇଲ ଓ ନଗଦ ୩୫୦ ଟଙ୍କା ଜବତ କରାଯାଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୬।୨୦୨୨

| | |
|---|---|
| ୫,୮୭,୫୧୭ ଟଙ୍କା | |
| ସୁନା | ୧.୭୭୦ ଗ୍ରାମ |
| ରୁପା | ୧୭.୯୩୦ ଗ୍ରାମ |

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ୩ ସୁନାହାର ଦାନ କଲେ ଗୁଜରାଟୀ ଭକ୍ତ



ପୁରୀ ଅଫିସ, ୬।୬:ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୋମବାର ଜଣେ ଗୁଜରାଟୀ ଭକ୍ତ ୩ଟି ସୁନାହାର ଦାନ କରିଛନ୍ତି। ତେବେ ସେ ତାଙ୍କ ନାମ ଗୋପନ ରଖିଛନ୍ତି। ସୂଚନା ଅନୁଯାୟୀ, ବର୍ଷକ ତଳେ ଗୁଜରାଟର ଜଣେ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ତାଙ୍କର ପୁତ୍ର ସନ୍ତାନ କାମନା କରି ଫେରିଯାଇଥିଲେ। ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ସେ ପୁତ୍ରର ନାମ ଓମ୍‌ପ୍ରକାଶ ରଖିଥିବା ଜଣାପଡ଼ିଛି। ଏହାପରେ ସମ୍ପୃକ୍ତ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ୩ଟି ସୁନାହାର ଦାନ କରିଛନ୍ତି।

### ଶ୍ରୀମନ୍ଦିର ପରିସରରୁ ସୁନାଚେନ୍ ଲୁଟ୍: ୩ ଗିରଫ

ପୁରୀ ଅଫିସ, ୬।୬: ଶ୍ରୀମନ୍ଦିର ପରିସରସ୍ଥ ଦୀପଷ୍ଟାଣ୍ଡ ନିକଟରେ ସୁନାଚେନ୍ ଓ ଲକେଟ ଲୁଟ୍ ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଡେଲାଙ୍ଗ ଥାନା ଅଞ୍ଚଳର ରେବତୀ ଦାସ, ନିବାସ ଦାସ ଏବଂ ବବିତା ଦାସ। ଏମାନଙ୍କଠାରୁ ପୋଲିସ ୭ ଗ୍ରାମ ଓଜନର ସୁନାଚେନ୍ ଓ ୧ ଗ୍ରାମ ଓଜନର ସୁନା ଲକେଟ୍ ସମେତ ଏକ କଟର ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୪୭/ ୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଲେଶ୍ୱରର ଅମିତ୍ କୁମାର ସାହୁ ତାଙ୍କ ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିବା ସମୟରେ ଦୀପଷ୍ଟାଣ୍ଡ ନିକଟରେ ୩ଜଣ ବ୍ୟକ୍ତି ତାଙ୍କ ୩ବର୍ଷୀୟ ପୁଅ ବେକରୁ ସୁନାଚେନ୍ ଓ ଲକେଟ ଲୁଟି ନେଇଥିଲେ। ସେ ପାଟି କରିବାରୁ ସେଠାରେ ଉପସ୍ଥିତ ଥିବା ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା।

### ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ

ପୁରୀ ଅଫିସ, ୬।୬ - ତାଳବଣିଆ ଥାନା ଅନ୍ତର୍ଗତ ସର୍ବୋଦୟ ନଗରରୁ ସୋମବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଛି ପୋଲିସ। ସେ ହେଲେ ସର୍ବୋଦୟ ନଗର ଗୁଣ୍ଡିଚା ବିହାରର ରାଜୁ ନାରାୟଣ ଦାସ (୪୫)। ଏ ନେଇ ପୋଲିସ ଏକ ମାମଲା(ନଂ. ୧୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ରାଜୁ ଏକ ବେସରକାରୀ ସଂସ୍ଥାରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ଥିଲେ। ରବିବାର ରାତିରେ ରାଜୁ କାର୍ଯ୍ୟରୁ ଫେରିବା ପରେ କୌଣସି କାରଣରୁ ପରିବାର ମଧ୍ୟରେ କଳହ ଲାଗିଥିଲା। ଏଥିରେ ରାଜୁ ଉତ୍ତ୍ୟକ୍ତ ହୋଇ ତାଙ୍କ ଶୋଇବା ଘର କବାଟ ଭିତରେ ପଶିଯାଇଥିଲେ। ପରିବାର ଲୋକ ବହୁତ ଡାକିବା ପରେ ମଧ ସେ କବାଟ ଖୋଲି ନ ଥିଲେ। ସକାଳେ ମଧ କବାଟ ନ ଖୋଲିବାରୁ ପରିବାର ଲୋକ ଘରର ସନ୍ଦେହରେ କବାଟ ଭାଙ୍ଗି ଭିତରେ ପଶିବା ବେଳେ ସେ ଏକ ଗାମୁଛା ବେକରେ ବାନ୍ଧି ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାଜୁଙ୍କୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

# ରେଳ ଓଭରବ୍ରିଜ୍ ପାଇଁ ଉଚ୍ଛେଦ ଆରମ୍ଭ

**ପୁରୀ ଅଫିସ,୬।୬:**

ପୁରୀର ସିଦ୍ଧ ମହାବୀର ରେଳ ଓଭରବ୍ରିଜ୍ ନିର୍ମାଣ ପ୍ରକ୍ରିୟା ଆଉ ପାଦେ ଆଗେଇଛି। ସୋମବାର ଦୁଇଟି ଜେସିବି ସହାୟତାରେ ସଂପୃକ୍ତ ଅଞ୍ଚଳର ରାସ୍ତା ଦୁଇପାର୍ଶ୍ୱରେ ଉଚ୍ଛେଦ କାର୍ଯ୍ୟ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ଓଭରବ୍ରିଜ୍ ନିର୍ମାଣ ପାଇଁ ୨.୪୭ ଏକର ଜମି ଆବଶ୍ୟକ ହେଉଥିବା ବେଳେ ୧.୫ ଏକର ଜମି ଅଧିଗ୍ରହଣ ହୋଇସାରିଛି। ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା କହିଛନ୍ତି, ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ୨୪୦ ପରିବାର ପ୍ରଭାବିତ ହେଉଛନ୍ତି। କେତେଜଣଙ୍କ ଘର ଆଂଶିକ ଭାବେ ପ୍ରଭାବିତ ହୋଇଥିବା ବେଳେ କେତେଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିବାକୁ ପଡୁଛି। ୩୦୩ଟି ଦୋକାନ ମଧ ଭଙ୍ଗାଯିବ। ୯୦ ପ୍ରତିଶତ ଘର ଓ ଜମି ମାଲିକଙ୍କୁ କ୍ଷତିପୂରଣ ଦିଆସରିଛି। ୩୦୩ ଦୋକାନୀଙ୍କୁ ମଧ ଅର୍ଥ ପ୍ରଦାନ କରାଯାଇଛି। ଉଚ୍ଛେଦର ୬୦ଦିନ ପୂର୍ବରୁ



ଜେସିବି ଦ୍ୱାରା ଘରକୁ ଭଙ୍ଗାଯାଉଛି।

ସୂଚନା ଦିଆଯାଇଥିଲା। ଗତ ୩ଦିନ ଧରି ମାଇକ୍ ଯୋଗେ ପ୍ରଚାର କରି ସୂଚନା ଦିଆଯାଇଥିଲା। ସେହିପରି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସିଦ୍ଧମହାବୀର, କୁମୁଟିପାଟଣା, ମାଟିଆପଡ଼ା ଓ ବାଲୁଖଣ୍ଡ ପ୍ରଭୃତି ୪ଟି ମୌଜାର ଜମି ଅଧିଗ୍ରହଣ ହେଉଛି। ୭ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କାର୍ଯ୍ୟ ଶେଷକରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଜମି ହସ୍ତାନ୍ତର କରାଯିବ। ୨ଜଣ ମାଜିଷ୍ଟ୍ରେଟ୍‌ଙ୍କ ସମେତ ୨ ପ୍ଲାଟୁନ୍ ଫୋର୍ସ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଚାଲିଛି। ଉଚ୍ଛେଦରେ ସ୍ଥାନୀୟ ଲୋକେ ଓ ଜମି ମାଲିକମାନେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେଉଛନ୍ତି। ଶହେ ବର୍ଗଫୁଟ୍‌ରୁ ଅଧିକ ସ୍ଥାନରେ ଦୋକାନ ଥିବା ଦୋକାନୀଙ୍କୁ ୨ଲକ୍ଷ ୨୫ ହଜାର ଓ ଏହାଠାରୁ କମ୍ ସ୍ଥାନରେ ଥିବା ଦୋକାନୀଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କାର ପ୍ୟାକେଜ୍ ଦିଆଯାଇଛି। ପୁରୀରୁ କୋଣାର୍କ, ନିମାପଡ଼ା, ମାଳତୀପାଟପୁର ଭଳି ଅଞ୍ଚଳକୁ ସଂପୃକ୍ତ ରାସ୍ତା ସଂଯୋଗ କରୁଛି। ରେଳ ଫାଟକ ଯୋଗୁ ଏହି ଅଞ୍ଚଳରେ ପ୍ରବଳ ଗହଳି ହେଉଥିବାରୁ ରେଳ ଓଭରବ୍ରିଜ ନିର୍ମାଣ ଲାଗି ଦୀର୍ଘଦିନ ହେଲା ଦାବି ଜୋର ଧରିଥିଲା। ଏ ନେଇ କେନ୍ଦ୍ର ସରକାର ପ୍ରକଳ୍ପକୁ ଅନୁମୋଦନ କରିବା ପରେ ଜମି ଅଧିଗ୍ରହଣ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତେବେ ଉଚ୍ଛେଦ ବେଳେ ବ୍ୟାରିକେଡ଼ିଂ କରାଯାଇ ସାଧାରଣ ପ୍ରବେଶ ଉପରେ କଟକଣା ଲଗାଯାଇଛି। ସେହିଭଳି ମାଟିଆପଡ଼ା ମୌଜାରେ କେତେଜଣ ବ୍ୟକ୍ତି ମହାପ୍ରଭୁଙ୍କ ଜମିରେ ଘରେ କରିଥିବାରୁ ସେମାନଙ୍କୁ କ୍ଷତିପୂରଣ ମିଳିପାରିନାହିଁ। ଉଲ୍ଲେଖଯୋଗ୍ୟ, ରେଲୱେ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ନିର୍ମାଣ ହେବାକୁ ଥିବା ସିଦ୍ଧମହାବୀର ଓଭରବ୍ରିଜ୍‌ର ଲମ୍ବ ୯ଶହ ମିଟର ରହିବ। ସେହିପରି ୮୦ ଫୁଟ୍ ଚଉଡ଼ାର ଜମି ଅଧିଗ୍ରହଣ ହେବ। ଉଚ୍ଛେଦ କାର୍ଯ୍ୟ ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ସମୂହ ପନ୍ତିଭୋଗ ପାଇଁ ସୋମବାର ମରିଚି ଠାକୁରାଣୀଙ୍କ ସମ୍ମୁଖରେ ଏକତ୍ରିତ ହୋଇଛନ୍ତି ।

## ରଥଖଳାରୁ

# ୩ ରଥର ମେଣ୍ଟି ବାଡ଼ିଆ କାର୍ଯ୍ୟ ଶେଷ



ରଥର ମୁହାଁଟ ଲଗାଯାଉଛି ।

**ପୁରୀ ଅଫିସ,୬।୬**

ତିନିରଥର ସୋମବାର ଦିଗ– ନିର୍ଣ୍ଣୟ ସମ୍ପୂର୍ଣ୍ଣ ପରେ ଚକ ଦୁଇପଟେ ବାନ୍ଧ ଦିଆଯାଇଛି। ପରେ ଅଖ ତଳେ ମେଣ୍ଟି ବାଡ଼ିଆ ବା କାଠ ଦିଆଯାଇଛି, ଯେପରି ଅଖ ଉପରେ ନିର୍ମାଣକାର୍ଯ୍ୟ ଚାଲିଲେ ଅଖ ଉପରେ ଅଧିକ ଭାର ନ ପଡ଼ିବ। ନେତ୍ରୋତ୍ସବ ବା ଉଭା ଯାତ୍ରା ଦିନ ତିନି ରଥଗୁଡିକ ବିନା ବାଧାରେ ସିଂହଦ୍ୱାରରେ ପହଞ୍ଚିବା ପାଇଁ ଚକ ଅଖଗୁଡିକୁ ସେଟିଂ କରାଯାଇଛି। ତିନିରଥର ଦଣ୍ଡା ଫ୍ରେମ ବା ଚେଚିସ ଚକ ଅଖର ଉପରି ଭାଗରେ ସେଟିଂ ପାଇଁ ନମ୍ବରିଂ କରାଯାଇଛି। ତିନିରଥର ଦୁଇଟି ଲେଖାଏ ଗରଗରାରେ ବିନ୍ଧ କାର୍ଯ୍ୟ ସରିଥିବା ବେଳେ ଦୁଇଟି ଲେଖାଁଏ ଡମକର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଏହି ଡମକ, ଗୟଳ ଏବଂ ଚାରି– ନାହାକା ଏବଂ କଇଁଚିକୁ ବାନ୍ଧି ରଖିବା ପାଇଁ ଆଗରେ ଏବଂ ପଛ ପାର୍ଶ୍ୱରେ ଲାଗିଥାଏ। ନନ୍ଦିଘୋଷ ରଥର ୩ଟି ପୋଲ ଗୟଳ ଚଉପଟ କାର୍ଯ୍ୟ ସରିଛି। ତାଳଧ୍ୱଜ ରଥ ଏବଂ ଦେବଦଳନ ରଥ ଦୁଇଟି ଲେଖାଏ ପୋଲ ଗୟଳ ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନିରଥର ସିଂହାସନରେ ଡାଳି ଲତା ଏବଂ କୁମ୍ଭ ଖୋଦେଇ ଶେଷ କରି ରଥର ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ଅନ୍ୟପଟେ ଦୋଳବେଦିସ୍ଥିତ କମାରଶାଳରେ କମାର ସେବକମାନେ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ଶିବ ପାର୍ବତୀଙ୍କ ନଗର ପରିକ୍ରମା

**କଣାସ,୬।୬(ସ୍ୱ.ପ୍ର.)**

ଶୀତଳଷଷ୍ଠୀ ଯାତ୍ରା ଅବସରରେ ମହାଦେବ ଓ ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହେବା ପରେ କଣାସ ବ୍ଲକର ତ୍ରିଲୋଚନପୁର ନଗର ପରିକ୍ରମା ଉତ୍ସବ ଚାଲିଛି। ଶିବ ବୃଷଭ ବାହନରେ, ପାର୍ବତୀ ଓ ଦୁର୍ଗା ପୃଥକ ସୁସଜ୍ଜିତ ବିମାନରେ ବସି ନଗର ପରିକ୍ରମା କରିଥିଲେ। ଘରେ ଘରେ ଦୁଆରିଭୋଗ ଖାଇ ଶେଷରେ ବାଣପଡିଆକୁ ଯାଇଥିଲେ। ସେଠାରେ କନ୍ୟା ଓ ବରପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଆତସବାଜି ପ୍ରତିଯୋଗିତା ହୋଇଥିଲା। ପରେ ଶିବ, ପାର୍ବତୀ ଓ ଦୁର୍ଗା ବିମାନ ଓ ବୃଷଭ ଉପରେ ବସି ମନ୍ଦିରକୁ ଫେରିଥିଲେ। ଶ୍ରୀମୁକୁନ୍ଦପୁର, ଦିବ୍ୟସିଂହପୁର ଓ ରାୟଗୁରୁପୁର ଗ୍ରାମରେ ମଧ ଶୀତଳଷଷ୍ଠୀ ଉତ୍ସବ ପାଇଁ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

## ଓସ୍ପାର ଜିଲାସ୍ତରୀୟ ବୈଠକ

**ପୁରୀ ଅଫିସ,୬।୬:**

ଓଡ଼ିଶା ଫାର୍ମାସିଷ୍ଟ ସର୍ଭିସ୍ ଆସୋସିଏଶନ (ଓସ୍ପା)ର ଜିଲାସ୍ତରୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ଫାର୍ମାସିଷ୍ଟମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସୁବ୍ରତ କୁମାର ପରିଜା ସଭାପତି, ତ୍ରିଲୋଚନ ବେହେରା ସମ୍ପାଦକ, ମାନସ କୁମାର ମିଶ୍ର ଉପସଭାପତି, ସୁଶିଲ କୁମାର ରାଉତ କୋଷାଧ୍ୟକ୍ଷ, ଦୀପକ କୁମାର ନାୟକ ଯୁଗ୍ମସମ୍ପାଦକ, ଝରଣା କଳାପାହାଡ଼ ଯୁଗ୍ମସମ୍ପାଦକ, ପୂର୍ଣ୍ଣଚନ୍ଦ୍ର ସିଂ ମୁଖ୍ୟ ଉପଦେଷ୍ଟା, ବିଶ୍ୱଜିତ୍ ରାଉତରାୟ, ସୁରେଶ ଚନ୍ଦ୍ର ନନ୍ଦ, ଆଇ. ତ୍ରିନାଥ ପାତ୍ର ଏବଂ ବିଶ୍ୱଭୂଷଣ ମହାନ୍ତି ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି।

# ୨୨ ମହିଳା ମହାସଂଘକୁ ଟ୍ରାକ୍ଟର ବାଣ୍ଟିଲେ ମନ୍ତ୍ରୀ

**ଗୋପ,୬।୬(ଡି.ଏନ୍.ଏ.):**

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ସ୍ୱାବଲମ୍ବୀ କରିବା ଲାଗି ଗୋପ ବ୍ଲକର ୨୨ ଗୋଟି ମହିଳା ମହାସଂଘକୁ ଟ୍ରାକ୍ଟର ପ୍ରଦାନ କରିଛନ୍ତି। ଏଥିସହ ୫ ବର୍ଷରେ ୫୦ ହଜାରରୁ ଊର୍ଦ୍ଧ୍ୱ ମହିଳା ମହାସଂଘର ସଦସ୍ୟାଙ୍କୁ ସ୍ୱାବଲମ୍ବୀ କରାଯିବ ବୋଲି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ସୋମବାର ଗୋପ ବ୍ଲକ ପରିସରରେ ଆୟୋଜିତ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷାମନ୍ତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମହିଳାମାନେ କିପରି ସ୍ୱାବଲମ୍ବୀ ଓ ଅର୍ଥନୈତିକ କ୍ଷେତ୍ରରେ ଆଗକୁ ଯାଇପାରିବେ, ସେଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଉଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦୀପ୍ତିରାଣୀ ଦାସ, ବ୍ଲକ ପ୍ରକଳ୍ପ ଅଧିକାରୀ ଦୀପାଲି ଛାଟୋଇ, ମହିଳା ମହାସଂଘ ସଭା ନେତ୍ରୀ ମୀନାକ୍ଷୀ ପୃଷ୍ଟି, ବ୍ଲକ ସଂଯୋଜକ ଚିନ୍ମୟ କୋଠାରୀ, ରୁବିଲତା ଓଝା ଯୋଗଦେଇ ବ୍ଲକରେ ରହିଥିବା ୩୫୪୨ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସହ ରାଜ୍ୟ କେତେକ ସ୍ଥାନରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା କହିଥିଲେ। ଏଥିରେ ମହେନ୍ଦ୍ରା ଟ୍ରାକ୍ଟର କମ୍ପାନୀର ଡେପୁଟି ଜେନେରାଲ ମ୍ୟାନେଜର ଦିଗମ୍ବର କଦମ୍ବ, ଜଗଦିସ୍ ଜି, ଶଶାଙ୍କ ସକ୍‌ସେନା ଏବଂ ସୁବ୍ରତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଗଣଶିକ୍ଷାମନ୍ତ୍ରୀ ଓ ଯୁବ ବ୍ୟାପାର ମନ୍ତ୍ରୀ ୨୨ ଗୋଟି ମହିଳା ମହାସଂଘର ସଦସ୍ୟାମାନଙ୍କୁ ନୂତନ ଟ୍ରାକ୍ଟର ଗାଡ଼ି ସହିତ ସମସ୍ତ କାଗଜପତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଟିଙ୍କିନା ବେହେରା, ପ୍ରଭାତୀ ପଟ୍ଟନାୟକ, ବେବି ବେହେରା, ମଞ୍ଜୁଲତା ପ୍ରଧାନ, ଜ୍ୟୋତ୍ସ୍ନା ପ୍ରଧାନଙ୍କ ପ୍ରମୁଖ ପରିଚାଳନା କରିଥିଲେ।



ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସମୀର ରଞ୍ଜନ ଦାଶ ଦୁଇ ମହିଳାଙ୍କୁ ଟ୍ରାକ୍ଟର ଚାବି ଦେଉଛନ୍ତି ।

# ପୁରୀ ସହ ସଂଶ୍ଳିଷ୍ଟ ପୋଲିସକୁ ରଥଯାତ୍ରା ଡ୍ୟୁଟି ନ ମିଳୁ

- ଗୃହ ବିଭାଗକୁ ଚିଠି ଲେଖିଲେ ସୂଚନା ଅଧିକାର କର୍ମୀ
- ପଦକ୍ଷେପ ନେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ

**ପୁରୀ ଅଫିସ,୬।୬:**

ପୁରୀରେ ଘର ଥିବା କିମ୍ବା ପୁରୀରେ ପୂର୍ବରୁ ଚାକିରି କରିଥିବା ପୋଲିସକୁ ରଥଯାତ୍ରା ଡ୍ୟୁଟିରେ ସାମିଲ ନ କରିବା ପାଇଁ ଗୃହ ବିଭାଗ ନିକଟରେ ଆବେଦନ କରାଯାଇଛି। ଗୃହ ବିଭାଗ ସମ୍ପୃକ୍ତ ଆବେଦନପତ୍ରକୁ ସୋମବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ପାଖକୁ ପଠାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ କହିଛନ୍ତି, ପୁରୀରେ ରହୁଥିବା କିମ୍ବା ପୁରୀରେ ପୂର୍ବରୁ ଚାକିରି କରିଥିବା ପୋଲିସ ଅଧିକାରୀମାନେ ରଥଯାତ୍ରା ଡ୍ୟୁଟି ଲାଗି ପୁରୀ ଆସିବାକୁ ଚାହାନ୍ତି। ଡ୍ୟୁଟି କରିବା ବଦଳରେ ହୋଟେଲଗୁଡ଼ିକରେ ରହି ନିଜ ପରିବାର ସହ ରଥଯାତ୍ରାର ମଜା ଉଠାନ୍ତି। ରଥଯାତ୍ରା ସମୟରେ ପୋଲିସ ଫୋର୍ସ ସକ୍ରିୟ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଥିବାବେଳେ ପୋଲିସ ଅଧିକାରୀମାନେ ନିଜ ପରିବାର ସହ ମଉଜ ମଜଲିସ୍‌ରେ ସମୟ ବିତାଇଥାନ୍ତି। ରଥଯାତ୍ରା ବ୍ୟସ୍ତତା ମଧ୍ୟରେ କିଏ କେଉଁଠାରେ ଡ୍ୟୁଟି କରନ୍ତି ତାହା ଠିକ୍ ଭାବେ ଜାଣିହୁଏ ନାହିଁ, ଫଳରେ ପୋଲିସ ଅଧିକାରୀମାନେ କର୍ତ୍ତବ୍ୟରେ ଅବହେଳା କରନ୍ତି। କର୍ତ୍ତବ୍ୟରେ ଅବହେଳା କାରଣରୁ ଅସାମାଜିକ ଓ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥାଏ। ଏଣୁ ଏ ଦିଗରେ ଡିଜିପି ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସ୍ନାନପୂର୍ଣ୍ଣିମାଠାରୁ ସୁନାବେଶ ପର୍ଯ୍ୟନ୍ତ ପୁରୀରେ କେବଳ ପୁରୀ ସହ ସଂଶ୍ଳିଷ୍ଟ ନ ଥିବା ପୋଲିସ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ପ୍ରାଥମିକତା ଦିଆଯିବା ଦରକାର। ଫଳରେ ପୋଲିସ ନିଜ କାର୍ଯ୍ୟ ସମ୍ପାଦନରେ ଅଧିକ ସଯତ୍ନ ହୋଇପାରିବ ବୋଲି ଦାସ ମତ ପ୍ରକାଶ କରିଛନ୍ତି।

## ବାଣ ତିଆରିବେଳେ ଫୁଟି ୪ ଗୁରୁତର

**କଣାସ,୬।୬(ସ୍ୱ.ପ୍ର.):**

କଣାସ ବ୍ଲକ ଅନ୍ତର୍ଗତ ବକୁ ପଞ୍ଚାୟତର ଶ୍ରୀମୁକୁନ୍ଦପୁର ଗ୍ରାମରେ ଶୀତଳଷଷ୍ଠ ଉତ୍ସବ ପାଇଁ ସୋମବାର ବାଣ ତିଆରି କରୁଥିବା ବେଳେ ଫୁଟିଯାଇ ୪ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଶୀତଳଷଷ୍ଠୀ ଅବସରରେ ଠାକୁରଙ୍କ ବିବାହ ସମ୍ପନ୍ନ ହେବାର ପରଦିନ ଶ୍ରୀମୁକୁନ୍ଦପୁର ଗ୍ରାମରେ ବାଣ ପ୍ରତିଯୋଗିତା ହୁଏ। ତେବେ ସୋମବାର ପୂର୍ବାହ୍ନ ୧୧ଟାର ଗ୍ରାମର ଗୋଟିଏ ପରିବାରର ବାଣ ପ୍ରସ୍ତୁତ କରୁଥିଲେ। ଏହି ସମୟରେ ଅସାବଧାନତା ହେତୁ ହଠାତ୍ ବାଣ ସବୁ ଫୁଟି ପରିବାରର ୪ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଶବ୍ଦ ଶୁଣି ୪ ଆହତଙ୍କୁ ଉଦ୍ଧାର କରିଥିଲେ।

## ମଙ୍ଗଳାଙ୍କ ଦର୍ଶନ କଲେ ଗୃହ ରାଷ୍ଟ୍ରମନ୍ତ୍ରୀ

**କୋଣାର୍କ/କାକଟପୁର/ଅସ୍ତରଙ୍ଗ, ୬।୬(ଡି.ଏନ୍.ଏ.):**

ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଯୁବ ବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ କୋଣାର୍କ ଚନ୍ଦ୍ରଭାଗାରେ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପ୍ରଥମେ ମନ୍ତ୍ରୀ ବେହେରା ଓ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଏଠାରେ ପହଞ୍ଚିବା ପରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କୋଣାର୍କ ଏନ୍ଏସି ନଗରପାଳିକା ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ଓ କାଉନ୍‌ସିଲର ପ୍ରମୁଖ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୋଣାର୍କର ବିକାଶ ପାଇଁ ସର୍ବଦା କାର୍ଯ୍ୟ କରିବି ବୋଲି ମନ୍ତ୍ରୀ କହିଥିଲେ। ଚନ୍ଦ୍ରଭାଗା ବଜାର କମିଟି ସଭାପତି ଭାସ୍କର ବେହେରା, ସମ୍ପାଦକ ବାନାମ୍ବର ବେହେରା, ପୂର୍ବତନ କାଉନସିଲର ପ୍ରତାପ ଗୋଛାୟତ, ସୁଶାନ୍ତ ବେହେରା, ଈଶ୍ୱର ଗୋଛାୟତ, କିଶୋର ଚନ୍ଦ୍ର ସେଠ, ବିଜୟ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ବେହେରା କାକଟପୁର ଯାଇ ମା' ମଙ୍ଗଳାଙ୍କ ଦର୍ଶନ କରିଥିଲେ। କାକଟପୁରରେ ମନ୍ତ୍ରୀଙ୍କୁ ଶୁଭେଚ୍ଛୁମାନେ ସ୍ୱାଗତ ଜଣାଇଥିଲେ। ବାଟରେ କାକଟପୁର ପ୍ରେସ୍‌କ୍ଲବ ସଭାପତି କମଳଲୋଚନ ଦୀକ୍ଷିତ, ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା ସମ୍ବର୍ଦ୍ଧନା ଜଣାଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ସ୍ୱାଧୀନ ନାୟକ, ଜ୍ୟୋତିର୍ମୟ ଦଳାଇ, ସଂଯୁକ୍ତା ଦୀକ୍ଷିତ, ସରପଞ୍ଚ ଅଭୟ ସେଠୀ, ପ୍ରାଣକୃଷ୍ଣ ମଲ୍ଲିକ, ପ୍ରଫୁଲ୍ଲ ରଥ, ଦିଲୀପ ବରାଳ, ମାନସ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

## ୯ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

**ପୁରୀ ଅଫିସ, ୬।୬:**

ନୀଳାଦ୍ରି ବେଳାଭୂମିରେ ରବିବାର ପୁରୀ ଜିଲା ପରିବେଶ ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକର ସରୋଜ କୁମାର ଜେନା, କାକଟପୁର ବ୍ଲକର ଜ୍ଞାନରଞ୍ଜନ ବିଶ୍ୱାଳ, ନିମାପଡ଼ା ବ୍ଲକର ପ୍ରମୋଦ ସାମନ୍ତରାୟ, ଗୋପ ବ୍ଲକର ବିଷ୍ଣୁମୋହନ ପ୍ରଧାନ, ପିପିଲି ବ୍ଲକର ଗିରିଶ ଚନ୍ଦ୍ର ତ୍ରିପାଠୀ, ଡେଲାଙ୍ଗ ବ୍ଲକର ବିଶ୍ୱଜିତ୍ ପରିଡ଼ା, କଣାସ ବ୍ଲକର ଅଶୋକ ସାହୁ, ପୁରୀ ସଦର ବ୍ଲକର ଶାନ୍ତିଲତା ଅଧିକାରୀ ଏବଂ ବ୍ରହ୍ମଗିରି ବ୍ଲକର ରତ୍ନାକର ବେହେରାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାର ୩୯ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପିପିଲି ପ୍ରବେଶ ମାର୍ଗରେ ହାଇମାଷ୍ଟ ଲାଇଟ୍ ଲଗାଯାଉ

**ପିପିଲି,୬।୬(ଡିଏନ୍.ଏ.):**

**ଶିବିରରେ ୭୦ ସମସ୍ୟାର ଶୁଣାଣି**

ପିପିଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ରାଜସ୍ୱ ବିଭାଗ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ଅତିରିକ୍ତ ଜିଲା ଉପ ଆରକ୍ଷୀ ଅଧୀକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ଡା. ନିମାଇ ଚରଣ ଜେନା, ବିଡିଓ ରଶ୍ମିତା ନାଥ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗରେ ଭୁବନେଶ୍ୱର–ପୁରୀ ଜାତୀୟ ରାଜପଥ ପିପିଲି ପ୍ରବେଶ ମାର୍ଗରେ ହାଇମାଷ୍ଟ ଲାଇଟ ୪୮ ଘଣ୍ଟା ମଧ୍ୟରେ ନ ଜଳିଲେ ବ୍ଲକ ଅଧକ୍ଷା, ଉପାଧକ୍ଷଙ୍କ ସହିତ ନିର୍ବାଚିତ ଜନପ୍ରତିନିଧିମାନେ ଜାତୀୟ ରାଜପଥ ଉପରେ ଆମରଣ ଅନଶନ କରିବେ। ଏନେଇ ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ଏମ୍‌ପି ପ୍ରତିନିଧି ନାରାୟଣ ସ୍ୱାଇଁ, ପୂର୍ବତନ ଜିଲାପରିଷଦ ସଭ୍ୟ କିଶୋର ଛୋଟରାୟ, ବିଧାୟକଙ୍କ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ, ଯୁବନେତା ବିଶ୍ୱଜିତ୍ ଦାଶ ପ୍ରମୁଖ ଚେତାବନୀ ଦେଇଥିଲେ। ସେହିପରି ବୀରପୁରୁଷୋତ୍ତମପୁର ଗ୍ରାମ୍ୟରାସ୍ତା ଆରଡି ବିଭାଗ ଅଧୀନରେ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଇଥିବା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଏପ୍ରିଲ ମାସରୁ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ଚୁପ ବସିଥିବାବେଳେ ନିର୍ମାଣ କାର୍ଯ୍ୟ ସଠିକ ଭାବେ ପୁନର୍ବାର କରିବା ପାଇଁ ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ ଓ ସରପଞ୍ଚ ଧ୍ରୁବଚରଣ ପ୍ରଧାନ ଅଭିଯୋଗ ଆଣିଛନ୍ତି। ଏହିପରି ଶିବିରରେ ବିଭିନ୍ନ ବିଭାଗର ୭୦ଟି ସମସ୍ୟା ଉପରେ ଅଭିଯୋଗ ଶୁଣାଣି ହୋଇଥିଲା।




ପୁରୀ ପୌରସଦନ ସଭାକକ୍ଷର ଦେୟ କମାଇବାକୁ ଦାବି କରି ଆମ୍ ଆଦ୍‌ମୀ ପାର୍ଟି ୟୁଥ୍ ୱିଙ୍ଗ ପୁରୀ ଜିଲା ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।



ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚାରିଛକ ପ୍ରେସ୍ କ୍ଲବକୁ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଉଛି।




ପୁରୀ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ସୋମବାର ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଆୟୋଜିତ ଆଦିଶଙ୍କରାଚାର୍ଯ୍ୟ ଏବଂ ଶ୍ରୀଜଗନ୍ନାଥ ସମ୍ପର୍କିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ସଦସ୍ୟମାନେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ଜୁନ, ୨୦୨୨



## ସଂକ୍ଷେପରେ

### ଅଟୋ ଚାଳକଙ୍କୁ ଖଣ୍ଡାରେ ଆକ୍ରମଣ

**ଭୁବନେଶ୍ୱର, ୬।୬ (ବ୍ୟୁରୋ):** ରାଜଧାନୀ ନୟାପଲ୍ଲୀ ଥାନା ଅଞ୍ଚଳରେ ଖଣ୍ଡା ବୁଲିଛି। ସୋମବାର ରାତି ପ୍ରାୟ ୧୦ଟାରେ ସିଆର୍‌ପି ଛକ ନିକଟ ମୁଣ୍ଡା ସାହିରେ ଗୋଟିଏ ଅଟୋ ପଡ଼ୋଶୀଙ୍କ ଏକ ସାଇକେଲରେ ଧକ୍କା ହୋଇଯିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୋଟିଏ ପରିବାରର ୩ରୁ ଊର୍ଦ୍ଧ୍ୱ ସଦସ୍ୟ ଆସି ଅଟୋ ଚାଳକଙ୍କୁ ମାଡ଼ ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଆହତ ଅଟୋ ଚାଳକ ହେଲେ ପ୍ରଦୀପ ସେନାପତି। ଖବରପାଇ ପିସିଆର୍ ଟିମ୍ ପହଞ୍ଚି ଥିବାବେଳେ ଆକ୍ରମଣକାରୀମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ପ୍ରଦୀପଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମୁଣ୍ଡା ସାହିରେ ରହୁଥିବା ପ୍ରଦୀପ ନିଜ ଅଟୋରେ ତାଙ୍କ ସ୍ତ୍ରୀଙ୍କୁ ବସାଇ ମେଡିକାଲ ନେବାକୁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ଅଟୋ ବାହାର କରିବା ବେଳେ ପାଖରେ ଥିବା ପଡ଼ୋଶୀଙ୍କ ସାଇକେଲ ସହ ଧକ୍କା ହୋଇଥିଲା।

### ୫-ଟି ସଚିବଙ୍କୁ ଭେଟିଲେ ଅଧ୍ୟକ୍ଷା, ଉପାଧ୍ୟକ୍ଷ

**ନିରାକାରପୁର,୬।୬ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅଧ୍ୟକ୍ଷା ରିମ୍ପା ମାନ୍ଧାତା ଓ ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା ସୋମବାର ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଭେଟିବା ସହ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ ବୋଲି ଉପାଧ୍ୟକ୍ଷ ଶର୍ମା ସୂଚନା ଦେଇଛନ୍ତି।

### ଚାରା ଲଗାଇଲେ, ସୁରକ୍ଷା ବାର୍ତ୍ତା ଦେଲେ

**ଖୋର୍ଦ୍ଧା ଅଫିସ,୬।୬:** ଖୋର୍ଦ୍ଧାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସ୍ପେଶାଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ବିକାଶ ମଞ୍ଚ ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶିକ୍ଷକ ନେତା ଯୁଧିଷ୍ଠିର ସାହୁଙ୍କୁ ବୃକ୍ଷ ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓକିଲ ସଂଘ ସଭାପତି ବିଜୟ କୁମାର ସାମନ୍ତସିଂହାର, ବିମଳ ଷଡ଼ଙ୍ଗୀ, ପ୍ରଭାତ ବେହେରା, ବିଜୟ ଛୋଟରାୟ, ବିଚିତ୍ର ବଡ଼ଜେନା, ରଜନୀକାନ୍ତ ପଟ୍ଟନାୟକ, ହାଜି ନାସିମୁଦ୍ଦିନ୍ ଖାଁ, ବୈକୁଣ୍ଠନାଥ ରାଜଗୁରୁ, ଗୋପାଳକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧା ତାଲୁକ ଆଇନସେବା କମିଟି ପକ୍ଷରୁ ପଲ୍ଲାତୋଟାପଡ଼ା ବିଦ୍ୟାଳୟ ପରିସରରେ ପରିବେଶ ଦିବସ ପାଳିତ ହୋଇଯାଇଛି। ସ୍ପେଶାଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର ନାଥ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଜିଲା ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ଆଇନଜୀବୀ ପ୍ରାଣକୃଷ୍ଣ ଦଳବେହେରା, ନୃସିଂହ ମିଶ୍ର, ଅଶୋକ ମହାପାତ୍ର, ବିକ୍ରମ କେଶରୀ ଚମ୍ପତି, ନବୀନ ମହାପାତ୍ର, ଦେବେନ୍ଦ୍ର ମାନସିଂ, ସତ୍ୟରଞ୍ଜନ ଲାଲା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ଗ୍ରହାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ତାଲୁକା କମିଟି ସମ୍ପାଦକ ବସନ୍ତ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଛୁରାମାଡ଼ କରି ଲୁଟୁଥିବା ଗ୍ୟାଙ୍ଗ ଧରାପଡ଼ିଲା

■ ମାଷ୍ଟରମାଇଣ୍ଡ୍ କାଳିଆ ସମେତ ୨ ଗିରଫ

■ ଛୁରି, ବାଇକ, ୧୫ ମୋବାଇଲ ଜବତ

ଭୁବନେଶ୍ୱର,୬।୬ (ବ୍ୟୁରୋ)

ରାତିହେଲେ ରାଜଧାନୀରେ ମୁଖ୍ୟ ରାସ୍ତାଠାରୁ ଗଳିକନ୍ଦି ଘୁରି ବୁଲୁଥିଲେ। ଯାହାକୁ ପାରିଲେ ଛୁରା ମାଡ଼ କରି ଲୁଟୁଥିଲେ। ଗତ ୧୬ ତାରିଖରେ ଜଣେ ଧୂପ ବ୍ୟବସାୟୀଙ୍କୁ ଛୁରି ଭୁସି ଲୁଟ କରିବା ଘଟଣାରେ ଭରତପୁର ଥାନା ପୋଲିସ ସମ୍ପୃକ୍ତ ଗ୍ୟାଙ୍ଗ ମୁଖ୍ୟଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର କାଳିଆ ଓରଫ ଦୀପକ ପ୍ରଧାନ(୨୩) ଓ ସହଯୋଗୀ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲରେ ରହୁଥିବା ଲୁଡୁ ଓରଫ ଶୁଭମ ସ୍ୱାଇଁ(୨୦)। ଏମାନଙ୍କଠାରୁ ଗୋଟିଏ ଛୁରି, ଗୋଟିଏ ବାଇକ ଓ ୧୫ ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗର ସଦସ୍ୟମାନେ ଏକାଧିକ ଲୁଟ୍ ଘଟଣାରେ ସମ୍ପୃକ୍ତ ଅଛନ୍ତି। ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଖୋଜାଚାଲିଛି ବୋଲି ଥାନାଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।

ପୋଲିସ ସୂଚନାନୁସାରେ, ମାଷ୍ଟରମାଇଣ୍ଡ୍ କାଳିଆ କେତେଜଣ ସହଯୋଗୀଙ୍କ ସହ ମିଶି ଏକ ଗ୍ୟାଙ୍ଗ୍ ଗଢ଼ିଥିଲେ। ଗ୍ୟାଙ୍ଗର ସଦସ୍ୟମାନେ ଦୁଇଜଣିଆ ଦଳ ହୋଇ ବାଇକରେ ବୁଲି ଲୁଟ୍‌ପାଟ କରନ୍ତି। ଲୁଡୁ ଚୋରା ମୋବାଇଲ ଫୋନ୍ ବିକ୍ରି କରନ୍ତି। କଳିଙ୍ଗନଗର କେ-୩ରେ ରୁହୁଥିବା ଧୂପ ବ୍ୟବସାୟୀ ବିଭୁପ୍ରସାଦ ଦାଶ ନିଜ କାମ ସାରି ମେ' ୧୬ ରାତିରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୧୧ଟା ୫୦ରେ ଘାଟିକିଆ ହନୁମାନ ମନ୍ଦିର ନିକଟରେ ବିଭୁପ୍ରସାଦ ଯାଉଥିବାବେଳେ ଗ୍ୟାଙ୍ଗର ସଦସ୍ୟ ସଲମନ୍‌ଙ୍କ ସହ କାଳିଆ ତାଙ୍କୁ ଅଟକାଇ ଟଙ୍କା ବ୍ୟାଗକୁ ଛଡାଇବାକୁ ଚେଷ୍ଟା କରିଥିଲେ। ବିଭୁପ୍ରସାଦ ବିରୋଧ କରିବାରୁ ସେମାନେ ତାଙ୍କ ପେଟକୁ ଛୁରାମାଡ କରି ୩ ହଜାର ଟଙ୍କା ଥିବା ବ୍ୟାଗ ଓ ମୋବାଇଲ ଫୋନ୍ ନେଇ ପଳାଇଥିଲେ। ବିଭୁପ୍ରସାଦ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡିଥିବା ଦେଖି ଉକ୍ତ ବାଟଦେଇ ଯାଉଥିବା କେତେଜଣ ବ୍ୟକ୍ତି ଆମ୍ବୁଲାନ୍ସରେ ନିକଟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେ ବର୍ତ୍ତମାନ ଏମ୍‌ସରେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ବନ୍ଧୁ ପ୍ରଭାତ ରଞ୍ଜନ ଦାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯୧/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି।


ଗିରଫ ଦୁଇ ଅଭିଯୁକ୍ତ, ଜବତ ମୋବାଇଲ।

# ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଉ


ବିଧାୟକ ସୁରେଶ କୁମାର ରାଉତରାୟ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ**

ଖୋର୍ଦ୍ଧା ଅଫିସ, ୬।୬

ଖୋର୍ଦ୍ଧା ରୋଡ୍ ରେଲୱେ ପକ୍ଷରୁ ଜଟଣୀ ରେଲୱେ କଲୋନୀ, ରେଡଙ୍ଗ, ରାମଚନ୍ଦ୍ରପୁର, କୁଦିଆରୀ ଆଦି ଅଞ୍ଚଳରେ ଦୀର୍ଘବର୍ଷ ଧରି ବସବାସ କରି ଆସୁଥିବା ପରିବାରଙ୍କୁ ଉଚ୍ଛେଦ ପ୍ରତିବାଦରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶତାଧିକ ବସ୍ତିବାସିନ୍ଦା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ନାରୀନେତ୍ରୀ ସବିତା ବେହେରା, କଳିଙ୍ଗ ସାହୁ, ସଙ୍କେତ ପାଟ୍ଟଶାଣୀ, ଅଶୋକ ମଙ୍ଗରାଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ନାରୀନେତ୍ରୀ ବେହେରା କହିଥିଲେ ଯେ, ସରକାର ବସ୍ତିବାସିନ୍ଦାଙ୍କ ବିକାଶ ଲାଗି ଅନେକ ଯୋଜନା କରୁଛନ୍ତି। କେବଳ ଟଙ୍କିକିଆ ଚାଉଳ ଦେଇ ଦାୟିତ୍ୱ ଖସାଇଦେଲେ ହେବନି। ସେମାନଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଜାଗା ଯୋଗାଇଦେବା ଲାଗି ଦାବି କରିଛନ୍ତି।

# ମନମୋହିଲା ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ


ଶୀତଳଷଷ୍ଠୀ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଶୀତଳଷଷ୍ଠୀ ମହୋତ୍ସବ ୨ୟ ସନ୍ଧ୍ୟା**

ବେଗୁନିଆ,୬।୬ (ଡି.ଏନ୍.ଏ.)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଯାତ୍ରା ପଡ଼ିଆରେ ଅନୁଷ୍ଠିତ ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ-୨୦୨୨'ର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅତିଥିଭାବେ ବେଗୁନିଆ ତହସିଲଦାର ପୃଥ୍ୱିରାଜ ମଣ୍ଡଳ, ସରପଞ୍ଚ ଅସିତ୍ ତ୍ରିପାଠୀ, ଆୟୋଜକ କମିଟି ସଭାପତି ସରୋଜ ବେହେରା, ଅଭିଜିତ୍ ବୋଷ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଗ୍ରାମର ପରମ୍ପରା, ସଂସ୍କୃତି ଓ ଭାଇଚାରା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଥମ ପ୍ରସ୍ତୁତିରେ ବୋଲଗଡ଼ର ଏକ କଳା ଏକାଡେମୀ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗଜାନନ ସ୍ତୁତି ଓ ଶିବ ପଞ୍ଚାକ୍ଷର ଶ୍ଳୋକର ତାଳେ ତାଳେ କଳାକାରମାନେ ନୃତ୍ୟାଭିନୟ କରିଥିଲେ। ନିଶାଣର ଢୋଲ ବାଦ୍ୟର ତାଳେ ତାଳେ ଦର୍ଶକ ବିଭୋର ହୋଇଥିଲେ। ପରେ ଗଞ୍ଜାମର ଘୋଡ଼ା ଓ ବାଘ ନୃତ୍ୟ, ଖୋର୍ଦ୍ଧାର ମଡର୍ଣ୍ଣ ଡ୍ୟାନ୍ସ ଗ୍ରୁପ, ଅଁଳେଇ ପାଇକ ଆଖଡା ଓ ବିଭିନ୍ନ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କୃତିତ୍ୱ ଅର୍ଜନ କରିଥିବା ୮ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତବର୍ଷ ମାଟ୍ରିକ୍ ପରୀକ୍ଷାରେ ବେଗୁନିଆ ବ୍ଲକର ଟପର ତାଲିକାରେ ଥିବା ଅଚିନ୍ତ୍ୟ ଅମିତାଭ, କବି ବିପିନ ମହାନ୍ତି, ଶିଳ୍ପୀ ପ୍ରଫୁଲ୍ଲ ପରିଡା, ସାମାଜିକ କର୍ମୀ ଜଳନ୍ଧର ପାଇକରାୟ, ବ୍ୟାଙ୍କ ପରିଚାଳକ ସମର ବଲ୍ଲଭ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଶିକ୍ଷକ ରମେଶ ଚନ୍ଦ୍ର ଦଳବେହେରା, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ଓ ଝୁନୁବାଳା ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଯେ, ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ପାଇଁ ପୂର୍ବାହ୍ନରେ କଳସ ସୋଭାଯାତ୍ରା ଓ ବିଧିବଦ୍ଧ ଭାବେ ଯଜ୍ଞାଚାର୍ଯ୍ୟମାନଙ୍କ ମନ୍ତ୍ର ଉଚ୍ଚାରଣରେ ଆହୁତି ପ୍ରଦାନ କରାଯାଇଥିଲା।

# ପୂର୍ବତନ ସୈନିକ ସଂଘର କର୍ମକର୍ତ୍ତା ଚୟନ

ଟାଙ୍ଗୀ (ଖୋର୍ଦ୍ଧା), ୬।୬ (ଡି.ଏନ୍.ଏ.)

କୁହୁଡ଼ି ସ୍ଥିତ ଜନତା ହାଇସ୍କୁଲ ପରିସରରେ ପୂର୍ବତନ ସୈନିକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାପଟେନ ଶଙ୍କର କୁମାର ବଡ଼ଜେନାଙ୍କ ସଭାପତିତ୍ୱରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ସୈନିକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ ପାଇଁ ସଭାପତି ଭାବେ ଶଙ୍କର କୁମାର ବଡ଼ଜେନା, ଉପସଭାପତି ଶ୍ରୀବତ୍ସ ବୈରିଗଞ୍ଜନ, ସାଧାରଣ ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ସହ ସମ୍ପାଦକ ପବିତ୍ର ମୋହନ ବରାଳ, କୋଷାଧ୍ୟକ୍ଷ ଲକ୍ଷ୍ମଣ କୁମାର ବେହେରା ମନୋନୀତ ହୋଇଥିଲେ। କମିଟିର କାର୍ଯ୍ୟକାରୀ ସଦସ୍ୟ ଭାବେ ଭୁବନେଶ୍ୱର ପାଇକରାୟ, ଜଳଧର ପ୍ରଧାନ, ବିଶ୍ୱରଞ୍ଜନ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ଦାଶ, ବେଣୁଧର ପ୍ରଧାନ ପ୍ରମୁଖ ମନୋନୀତ ହୋଇଥିଲେ। ଏହି ସଂଘ ବିଭିନ୍ନ ଜନହିତକର କାର୍ଯ୍ୟ କରିବ ବୋଲି ସଭାପତି କହିଥିଲେ। ମନ୍ମଥ କୁମାର ସିଂ ଧନ୍ୟବାଦ ଦେଇଥିଲେ।

# ୮୮ ଅଭିଯୋଗର ତ୍ୱରିତ ଫଇସଲା

**ଜନଶୁଣାଣି ଶିବିର**

ଖୋର୍ଦ୍ଧା ଅଫିସ, ୬।୬

ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ପ୍ରତ୍ୟକ୍ଷ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୮୩ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିରୁ ୧୭୯ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ତନ୍ମଧ୍ୟରୁ ୮୮ ଅଭିଯୋଗର ଫଇସଲା କରାଯାଇଛି। ୧୫ଟି ଅଭିଯୋଗକୁ ବିଚାରକୁ ନିଆଯାଇ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧ଲକ୍ଷ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ଉପଜିଲାପାଳ ଆଇ. ଗୌରବ ଶିବାଜୀ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ବିଡିଓ ରୁମାନା ଜାଫ୍ରି, ତହସିଲଦାର ଇପ୍‌ସିତ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ତୃତୀୟା ଦେବଙ୍କ ରଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ



ବୋଲଗଡ଼, ୬।୬ (ଡି.ଏନ୍.ଏ.)

ବୋଲଗଡ଼ରେ ତୃତୀୟା ଦେବ ଭାବେ ପୂଜା ପାଉଥିବା ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା କରୋନା କଟକଣା ଯୋଗୁ ଦୁଇବର୍ଷ ହେବ ବନ୍ଦ ରହିଥିଲା। ତେବେ ଚଳିତ ବର୍ଷ କଟକଣା କୋହଳ ହେବା ପରେ ରଥଯାତ୍ରା ପାଇଁ ତୃତୀୟା ଦେବ ମନ୍ଦିର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋର୍‌ଦାର ଚାଲିଛି। ରଥଯାତ୍ରା ପରିଚାଳନା ପରିଷଦର ସଦସ୍ୟମାନେ ସୋମବାର ବିଶ୍ୱକର୍ମାମାନଙ୍କ ସହିତ ଆଲୋଚନା କରିଥିଲେ। ଆବଶ୍ୟକ ପଡ଼ିଲେ ନୂତନ କାଠ ସଂଗ୍ରହ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପରିଷଦର ସମ୍ପାଦକ ରବୀନ୍ଦ୍ର ପରିଡ଼ା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏଠାରେ ୨୦୦୧ ମସିହାରୁ ରଥଯାତ୍ରା ହୋଇଆସୁଛି। ଗୋଟିଏ ରଥ ନିର୍ମାଣ ହୋଇ ସେଥିରେ ତିନି ଠାକୁରଙ୍କୁ ଉପବିଷ୍ଟ କରାଯାଇ ପାରମ୍ପରିକ ରୀତିନୀତି ଅନୁଯାୟୀ ଭକ୍ତମାନେ ରଥଖଳାରୁ ରଥକୁ ଟାଣି ଗୋପବନ୍ଧୁ ବଜାର, ବାମନ ଉଚ୍ଚ ବିଦ୍ୟାଳୟ, ଖଦିକେନ୍ଦ୍ର, ବନ ବିଭାଗ କାର୍ଯ୍ୟାଳୟ, ମେଡିକାଲ ଛକ, ଥାନା ଛକ, ତହସିଲ ଛକ ଓ ବସ୍‌ଷ୍ଟାଣ୍ଡ ବଜାର ରାସ୍ତା ଦେଇ ନନ୍ଦିଘୋଷ ଅନୁଷ୍ଠାନ ନିକଟରେ ପହଞ୍ଚାଇଥାନ୍ତି। ସେଠାରେ ଠାକୁରଙ୍କୁ ଗୋଟି ପହଣ୍ଡିରେ ଅନୁଷ୍ଠାନ ପ୍ରେକ୍ଷାଳୟରେ ସଜ୍ଜିତ ମଣ୍ଡପରେ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ୯ ଦିନ ଯାଏ ଉପବିଷ୍ଟ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଶତାଧିକ ଭକ୍ତଙ୍କ ସମାଗମ ହୋଇଥାଏ।

# 'ଉଦ୍‌ଯୋଗ ସହ ଈଶ୍ୱରବିଶ୍ୱାସ ମନୁଷ୍ୟଙ୍କୁ ସଫଳତା ଆଣିଦିଏ'

ବୋଲଗଡ଼,୬।୬ (ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମ ପରିସରରେ ଶ୍ରୀରାମକୃଷ୍ଣ ବିବେକାନନ୍ଦ ପାଠଚକ୍ରର ଏକ ଅଧିବେଶନ ବାସୁଦେବ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେବା ଓ ତ୍ୟାଗ ଜୀବନର ମହତ୍ତ୍ୱ ବର୍ଣ୍ଣନା କରିବା ସହିତ ଉଦ୍‌ଯୋଗ ସହିତ ଈଶ୍ୱରବିଶ୍ୱାସ ମଣିଷକୁ ସଫଳତା ଆଣିଦିଏ ବୋଲି କହିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜୀବନର ଲକ୍ଷ୍ୟ ଉଚ୍ଚ କରିବାକୁ ପରାମର୍ଶ ଦେଇଥିଲେ। ବକ୍ତା ଭାବେ ଲକ୍ଷ୍ମୀପ୍ରିୟା ଦେଇ, ଅଧ୍ୟାପିକା କଳ୍ପନା ରଣଜିତ୍ ସିଂହ, ପ୍ରଧାନଶିକ୍ଷକ ସୁବଳ ଛୁଆଳସିଂହ ପ୍ରମୁଖ ମତବ୍ୟକ୍ତ କରିଥିଲେ। ପିଚୁକୁଳି ସମିତି ସଭ୍ୟ ସଞ୍ଜୟ ଗୁମାନସିଂହ, ପ୍ରମୋଦ ପ୍ରତାପସିଂହ, ଗୋଲକ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫୁଲ୍ଲ ପ୍ରଧାନ ଓ ପବିତ୍ର ମାଝୀଙ୍କୁ ଆଶ୍ରମ ପକ୍ଷରୁ ପ୍ରଦାନ କରାଯାଇଥିଲା। ପାଠଚକ୍ର ଆରମ୍ଭରେ ସ୍ୱାମୀ ଗଣେଶାନନ୍ଦ ମହାରାଜ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଆଶ୍ରମର ବରିଷ୍ଠ ସଦସ୍ୟ ମନୋଜ କୁମାର ଗୁମାନସିଂହ ଶ୍ରୀରାମକୃଷ୍ଣ କଥାମୃତ ପାଠ କରିଥିଲେ। ସର୍ବେଶ୍ୱର ସାହୁ ସ୍ୱାଗତ ଭାଷଣ ଓ ଶିକ୍ଷକ ଦିଲୀପ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ଶୀତଳଷଷ୍ଠୀ ଯାତ୍ରା

କୃଷ୍ଣପ୍ରସାଦ, ୬।୬ (ଡି.ଏନ୍.ଏ.)

ପାରିକୁଦ ଗଡ଼ସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୫ ମୌଜା ପରିଚାଳନା କମିଟି କୃଷ୍ଣପ୍ରସାଦ ପକ୍ଷରୁ ଏହି ଉତ୍ସବ ଆଡ଼ମ୍ବରରେ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥିଲା। ପଣ୍ଡିତ କମଳ ଚନ୍ଦ୍ର ଦେବତା, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସୁଆର, ଦୀପକ କୁମାର ସୁଆର, ସଞ୍ଜୟ କୁମାର ସୁଆର ପ୍ରମୁଖ ଦେବଦମ୍ପତିଙ୍କ ବିବାହ ଉତ୍ସବ ବିଧିମୁତାବକ ସମାପନ କରିଥିଲେ। ପରିଚାଳନା କମିଟି ସଭାପତି ଡମ୍ବରୁଧର ଖୁଣ୍ଟିଆ, ସମ୍ପାଦକ ସୁରଥ ବେହେରା, ଲକ୍ଷ୍ମୀକାନ୍ତ ସିଂହ, ହରମୋହନ ମାନସିଂହ, ସୁବାସ ଚନ୍ଦ୍ର ସିଂହସାମନ୍ତଙ୍କ ସମେତ ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ଆତସବାଜି ପ୍ରଦର୍ଶନ ସହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**ଖଙ୍ଗୁରିଆ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ**

# ଫାଇଟର କିଙ୍ଗ୍ ବିଜୟୀ

ବୋଲଗଡ଼, ୬।୬ (ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ଖଙ୍ଗୁରିଆ ପ୍ରିମିୟର ଲିଗ (କେପିଏଲ) କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚରେ ଏସ୍‌ଆର ୱାରିୟର ଟିମକୁ ହରାଇ ଫାଇଟର କିଙ୍ଗ ଟିମ୍ ବିଜୟୀ ହୋଇଛି। ଏସ୍‌ଆର ୱାରିୟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ବିନିମୟରେ ୭୬ ରନ ସଂଗ୍ରହ କରିଥିଲା। ଜବାବରେ ଫାଇଟର କିଙ୍ଗ ଟିମ୍ ୬.୪ ଓଭରରେ ୩ ଉଇକେଟ ବିନିମୟରେ ୭୯ରନ ସଂଗ୍ରହ ବିଜୟୀ ହୋଇଥିଲା। ବିଜୟୀ ଟିମର ଦୀପକ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବବୁ ଓ ସୋନୁ ମ୍ୟାଚ ପରିଚାଳନା କରିଥିଲେ। ଖଙ୍ଗୁରିଆର ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଏହି ମ୍ୟାଚରେ ସାମାଜିକ କର୍ମୀ ଦିଲୀପ ସୁବୁଦ୍ଧି, ନବକିଶୋର ପଣ୍ଡା, ସରୋଜ ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚନ୍ଦନ, ଜଗନ, ଟୁନିଆ, ନଣ୍ଡା, ସିପୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ନ୍ୟାୟ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ଖୋର୍ଦ୍ଧା ଅଫିସ,୬।୬

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଚାଚରା ଶବର ସାହିରେ ରହିଥିବା ସ୍ଥିତିବାନ୍ ଜମିକୁ ପ୍ରଶାସନର ଜୋରଜବରଦସ୍ତ ଦଖଲ ଉଦ୍ୟମ ପ୍ରତିବାଦରେ ସୋମବାର ଉକ୍ତ ଅଞ୍ଚଳର ଶତାଧିକ ମହିଳା, ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଛନ୍ତି। ଏଥିସହ ଜିଲାପାଳଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ମୁକୁନ୍ଦପ୍ରସାଦ ମୌଜା ଖାତା ନଂ.୪୦୪, ପ୍ଲଟ ନଂ.୩୪୦/୨୩୪୩, ରକବା ଏ୨୨.୨୩୦ ଡିସିମିଲ ଜମି ବଂଶାନୁକ୍ରମେ ଭୋଗଦଖଲରେ ରହିଛି। ଆମ୍ଭେମାନେ ଆଦିବାସୀ(ଅନୁସୂଚିତ ଜନଜାତି) ସମ୍ପ୍ରଦାୟର। ତେବେ କିଛିଦିନ ପୂର୍ବେ ପ୍ରଶାସନ ପକ୍ଷରୁ ଜମି ଦଖଲ ଲାଗି କେତେଜଣଙ୍କୁ ନୋଟିସ କରାଯାଇଥିଲା। ସାହିବାସିନ୍ଦାଙ୍କ ପକ୍ଷରୁ ମଧ୍ୟ ନୋଟିସର ଉତ୍ତର ଦିଆଯାଇଥିଲା। ତେବେ ଗତ ଏପ୍ରିଲ ୨୧ରେ ପ୍ରଶାସନ ଜେସିବି ମାଧ୍ୟମରେ ଘର ଭାଙ୍ଗିବା ଆରମ୍ଭ କରିଥିଲା। ଏପ୍ରିଲ ୨୬ରେ ଲୋକେ ଏହାର ପ୍ରତିବାଦରେ ଖୋର୍ଦ୍ଧା ସିନିୟର ସିଭିଲ ଜଜ୍‌ଙ୍କ ଅଦାଲତରେ ମକଦ୍ଦମା ଦାଖଲ କରିଥିଲେ। ତେବେ ଜଜ୍ ସିପିସି ଧାରା ୮୦ର ଉଲ୍ଲଂଘନ ଦର୍ଶାଇ ଉକ୍ତ ମକଦ୍ଦମାକୁ ଫେରାଇ ଦେଇଥିଲେ। ଉକ୍ତ ଆଦେଶନାମା ଉପରେ ପୁନର୍ବାର ଏପ୍ରିଲ ୨୭ ତାରିଖରେ ମକଦ୍ଦମା ଦାଏର ଲାଗି ଓକିଲ ଜରିଆରେ ନୋଟିସ ଦେବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଉକ୍ତ ଜମିରେ ରହିଥିବା ଜବରଦଖଲ ମୁକ୍ତ କରାଯାଇ ଚାରିପଟେ ପାଚେରି ନିର୍ମାଣ କରାଯାଇଛି। ବେଆଇନ ଭାବେ ପ୍ରଶାସନ ପକ୍ଷରୁ ଏହି ଜମିରେ ପାଚେରି ନିର୍ମାଣ କରାଯାଇଛି। ଏହାକୁ ବିରୋଧ କରିବା ସହ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଧାରଣାକାରୀ ଗଣମାଧ୍ୟମ ଆଗରେ କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।